## ସଂକ୍ଷେପରେ

### କୁକୁଡ଼ା ଗାଡ଼ି ଚୋରି ମାମଲାରେ ପୁଣି ୩ ଗିରଫ

ପାଣିକୋଇଲି,୧୨।୮(ବିକାଶ ମଲ୍ଲିକ):

କୁକୁଡ଼ା ଗାଡ଼ି ଚୋରି ମାମଲାରେ ପାଣିକୋଇଲି ପୋଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ପୁଣି ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଫଳରେ ଗିରଫ ସଂଖ୍ୟା ୯ରେ ପହଞ୍ଚିଛି। ଗିରଫ ଅଭିଯୁକ୍ତ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଜହ୍ନାକଣା ଗ୍ରାମର ମଣିଆ ଓରଫ୍ କୁଳମଣି ମଲ୍ଲିକ (୩୮), ତାଲୁଙ୍ଗା ଗ୍ରାମର ଅଜୁ ଓରଫ୍ ଅଜୟ କୁମାର ରାଉତ (୩୦) ଓ କେନ୍ଦୁଝର ସୋସୋ ଥାନା ଅଞ୍ଚଳର ବାବୁ ଓରଫ୍ ବୈକୁଣ୍ଠ ପ୍ରଧାନ(୨୮) ବୋଲି ଜଣାପଡିଛି। ପାଣିକୋଇଲି ଓ କୋରେଇ ଥାନା ଅଞ୍ଚଳରୁ ବାରମ୍ବାର କୁକୁଡା ଗାଡି ଚୋରି ଅଭିଯୋଗ ହୋଇଆସୁଥିଲା। ପାଣିକୋଇଲି ଥାନାଧିକାରୀ ଭାବେ ଲିଜାରାଣୀ ବିଶ୍ୱାଳ ଯୋଗଦେବା ପରେ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛନ୍ତି। ଜାତୀୟ ରାଜପଥର ହମ୍ପସ ନିକଟରେ କୁକୁଡ଼ା ଗାଡ଼ିକୁ ଦୁର୍ବୃତ୍ତ ଅଟକାଇ ଚାଳକଙ୍କୁ କାବୁ କରୁଥିଲେ। ପରେ ଗାଡ଼ିରୁ କୁକୁଡ଼ା ଖଲାସ କରି ପୁଣି ଗାଡିକୁ ରାଜପଥରେ ଛାଡି ଦେଉଥିବା ଅଭିଯୋଗ ହୋଇ ଅସୁଥିଲା। ଗତ ମାସ ୨୫ ତାରିଖରେ ପଶ୍ଚିମବଙ୍ଗ ପୂର୍ବ ମିଦିନାପୁର ପୁଣ ଅଞ୍ଚଳର ସୋମେଶ୍ୱର ପାଲଙ୍କ କୁକୁଡା ଗାଡ଼ି (ଡବ୍ଲୁବି -୩ଏ-୫୭୮୮) ରାଜପଥରେ ଯାଉଥିବାବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଛକ ନିକଟରୁ ଏକ ବୋଲେରୋରେ କେତେଜଣ ଦୁର୍ବୃତ୍ତ ଆସି ଗାଡ଼ି ଲୁଟ କରିଥିବା ସେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୯୪/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପୂର୍ବତନ ମେୟରଙ୍କୁ ଶ୍ରଦ୍ଧାଞ୍ଜଳି

ବାଲିଚନ୍ଦ୍ରପୁର,୧୨।୮(ଗିରିଜା ପ୍ରସାଦ ସାହୁ):

କଟକ ମହାନଗର ନିଗମର ପୂର୍ବତନ ମେୟର ସୁଶ୍ରୀ ନିବେଦିତା ପ୍ରଧାନଙ୍କ ବିୟୋଗରେ ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଉତ୍କଳ କେଶରୀ ସାମଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ଭାଜପା ନେତା ଇଂ. ଯଶୋଦୀପ୍ତ ସାମଲ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ଭାଜପା ସଭାପତି ଅଶୋକ ସାମଲ, ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମିୟ କୁମାର ସାହାଣୀ, ଖବରଦାତା ପ୍ରବାସ କୁମାର ଦାଶ, ଗୋପାଳପୁର ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ କୁମାର ଶାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିବେଦିତା କଟକ ମହାନଗର ନିଗମର ପ୍ରଥମ ମେୟର ହୋଇ ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ପଣ୍ଡା, ସେକ୍ ଇକ୍‌ବାଲ ହୁସେନ୍, ଅଜୟ କୁମାର ଦାଶ ଓ ଗିରିଜା ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଇଂ. ନିଶିକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୱାର୍ଡ କୋଅର୍ଡିନେଟର ନିଯୁକ୍ତିରେ ଅନିୟମିତତା

**ବ୍ୟାସନଗର ପୌର ପରିଷଦ**

■ ୧୭ରେ ମିଳିତ ସ୍ୱୟଂସହାୟକ ଗୋଷ୍ଠୀର ଧାରଣା

ଯାଜପୁରରୋଡ୍,୧୨।୮ (ପବିତ୍ର ରଞ୍ଜନ ମହାନ୍ତି):


ବୈଠକରେ ଉପସ୍ଥିତ ମିଳିତ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା।

ବ୍ୟାସନଗର ପୌର ପରିଷଦରେ ୱାର୍ଡ କୋଅର୍ଡିନେଟର ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମିଳିତ ସ୍ୱୟଂସହାୟକ ଗୋଷ୍ଠୀ ଗଣଧାରଣା ଦେବ ବୋଲି ନିଷ୍ପତ୍ତି ନେଇଛି।

ସୂଚନା ଅନୁଯାୟୀ, ପୌର ପରିଷଦର ୨୬ ୱାର୍ଡରେ ୨୫ ୱାର୍ଡ ଅଫିସର ନିଯୁକ୍ତି ନେଇ ୫।୧୨।୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀରେ କାର୍ଯ୍ୟ କରୁଥିବା ପ୍ରାର୍ଥିନୀମାନେ ଆବେଦନ କରିଥିଲେ। ଦରଖାସ୍ତ ଅନୁଯାୟୀ ମେ' ୪ ତାରିଖରେ ଚୟନ ପ୍ରକ୍ରିୟା ସାରି ଜୁଲାଇ ୫ରେ ଫଳ ଘୋଷଣା କରିବା କଥା। କିନ୍ତୁ ଚଞ୍ଚକତା କରାଯାଇ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୪ରେ ତରବରିଆ ଭାବେ ପୌର ପ୍ରଶାସନ ପକ୍ଷରୁ ପ୍ରାର୍ଥିନୀ ଚୟନ କରାଯାଇ ଜୁଲାଇ ୫ରେ ମୋବାଇଲ ଜରିଆରେ ଅଯୋଗ୍ୟ ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ହେବେ ବୋଲି ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ବ୍ୟାସନଗର ମିଳିତ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ବଳ, କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କ ସମେତ ଯାଜପୁର ଜିଲାପାଳ ଓ ମିଶନଶକ୍ତି ସଚିବଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏହି ନିଯୁକ୍ତି ବାତିଲ ଦାବିନେଇ ଶୁକ୍ରବାର ଏକ ବୈଠକ ଗୋଷ୍ଠୀ ପକ୍ଷରୁ ସୁଷମା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ଚୟନ ପ୍ରକ୍ରିୟାରେ ବ୍ୟାପକ ଅର୍ଥ କାରବାର ସହିତ ଯୋଗ୍ୟତା ଥିବା ପ୍ରାର୍ଥିନୀଙ୍କୁ ଅଣଦେଖା କରାଯାଇ ନିଯୁକ୍ତିରେ ପକ୍ଷପାତିତା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆସନ୍ତା ୧୭ ତାରିଖରେ ପୌର ପରିଷଦ ସମ୍ମୁଖରେ ମିଳିତ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଧାରଣା ଦିଆଯିବା ସହ ପ୍ରତିବାଦ କରାଯିବ। ଏହି ନିଯୁକ୍ତି ଜାଲିଆତିକୁ ବାତିଲ କରି ପୁନର୍ବାର ସାକ୍ଷାତକାର ଘୋଷଣା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବା ନେଇ ଜିଲାପାଳ ଓ ମିଶନଶକ୍ତି ସଚିବଙ୍କୁ ଜଣାଇ ଦିଆଯାଇଛି ବୋଲି ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିନୀଲତା ଶତପଥୀ, ଜ୍ୟୋତିସ୍ମିତା ରାଉତ, ଜ୍ୟୋତିଶ୍ରୀ ବେହେରା, ଶଶୀରେଖା ଦାସ ଓ ତୁଳସୀ କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଏହି ନିଯୁକ୍ତି ପ୍ରକ୍ରିୟା ନିଷ୍ପତ୍ତି ହୋଇଥିବା ପ୍ରତିକ୍ରିୟାରେ କହିଛନ୍ତି।

## ୧୪ରେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ

ଯାଜପୁରରୋଡ୍,୧୨।୮ (ପବିତ୍ର ରଞ୍ଜନ ମହାନ୍ତି):

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଯାଜପୁର ଜିଲା ଟ୍ୟାକ୍ସ ବାର୍ ଆସୋସିଏଶନ, ନୁଭୋକୋ ସିମେଣ୍ଟ ଲିମିଟେଡ ଓ ସହରର ସମସ୍ତ କଳା ସଂଗୀତ ଅନୁଷ୍ଠାନଙ୍କ ସହଯୋଗରେ ଆସନ୍ତା ସୋମବାର ୧୪ ତାରିଖରେ ସନ୍ତରାସ୍ଥିତ ସଂସ୍କୃତି ଭବନଠାରେ ମା'ମାଟିକୁ ପ୍ରଣାମ, ବୀରଙ୍କୁ ବନ୍ଦନା, ମେରି ମିଟି ମେରା ଦେଶ ଲକ୍ଷ୍ୟ ଓ ନାରାକୁ ନେଇ ଏକ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି। ଏହାକୁ ସଫଳ କରିବା ନିମନ୍ତେ ଶୁକ୍ରବାର ହୋଟେଲ ରୟାଲ କଳିଙ୍ଗଠାରେ ଏକ ଖବରଦାତା ସମ୍ମିଳନୀ ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୀର ସୈନିକଙ୍କୁ ସମ୍ମାନିତ କରିବା, ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆଇନଜୀବୀ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ଦେଶାତ୍ମବୋଧକ ସଙ୍ଗୀତ ସହିତ ନୃତ୍ୟଗୀତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ। ଏଥିରେ ବହୁ ସଂଖ୍ୟାରେ ଛାତ୍ର, ଯୁବକ ଓ ବିଭିନ୍ନ ସଙ୍ଗଠନ ଯୋଗଦେବାକୁ ନିବେଦନ କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସବାର ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହସମ୍ପାଦକ ଅଶୋକ କୁମାର ଶର୍ମା, ଦୀପୁ ବାରିକ, ପୂର୍ବତନ ସଭାପତି ଅଜୟ କୁମାର ବିଶ୍ୱାଳ, ରମାକାନ୍ତ ନନ୍ଦ, ରତିକାନ୍ତ ବେହେରା, ରମାକାନ୍ତ ସେଠୀ, ବିଦ୍ୟାଧର ମହାନ୍ତି, ଚଣ୍ଡୀ କ୍ଲବ୍ ସମ୍ପାଦକ ଶିଶିର କୁମାର ରାଉତ, କ୍ଲବ୍ ୟୁଥ ମାସର ସଭାପତି ପ୍ରକାଶ ଜେନା, ନୃତ୍ୟଗୁରୁ ଭୋଳାନାଥ ଘୋଷ, ନିରଞ୍ଜନ ବଳ, ରଞ୍ଜନ କୁମାର ନାୟକ, ରିଥମ ଡ୍ୟାନ୍ସ ଏକାଡେମୀର ରଞ୍ଜନ ମଲିକ ଓ ଦୟାଲ ସଙ୍ଗୀତ ଏକାଡେମୀର ପ୍ରତିନିଧି ଉପସ୍ଥିତ ଥିଲେ।

## ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବାଲିଚନ୍ଦ୍ରପୁର,୧୨।୮,(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୨ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀମାନଙ୍କ ପକ୍ଷରୁ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନବାଗତା ଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଇଂଲିଶ ବିଭାଗ ଅଧ୍ୟାପକ ଭାବଗ୍ରାହୀ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ମାମି ବଳବନ୍ତରାୟ, ସାମାଜିକ କର୍ମୀ ଅଶୋକ ସାମଲ, ଖବରଦାତା ଉତ୍କଳ କେଶରୀ ସାମଲ ଯୋଗଦେଇ ଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବା ସହ ଅଧ୍ୟାପିକାଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଆହ୍ୱାନ କରିଥିଲେ। ପରେ ଛାତ୍ରୀମାନେ ପରସ୍ପର ମଧ୍ୟରେ ଭାବବିନିମୟ ସହକାରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରୂପଶ୍ରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରବେଶ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସ୍ତନ୍ୟପାନର ଉପକାରିତା ବୁଝାଇଲା ଇନରହ୍ୱିଲ କ୍ଲବ୍

ଯାଜପୁର ଟାଉନ,୧୦।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ସ୍ତନ୍ୟପାନ ଦିବସ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଯାଜପୁର ଇନରହ୍ୱିଲ କ୍ଲବ ପକ୍ଷରୁ ସଦସ୍ୟାମାନେ ବିଭିନ୍ନ ଚିକିତ୍ସାଳୟକୁ ଯାଇ ମା'ମାନଙ୍କୁ ସେମାନଙ୍କ ଶିଶୁଙ୍କୁ ନିଜର ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଅବଗତ କରାଇଛନ୍ତି। ଜନ୍ମ ହେଉଥିବା ଶିଶୁଙ୍କୁ କଷ କ୍ଷୀରଠାରୁ ଆରମ୍ଭ କରି ପ୍ରତ୍ୟେକ ଦିନ ମା'କ୍ଷୀର ଦେଲେ ସେହି ଶିଶୁ ଅପପୁଷ୍ଟିରୁ ରକ୍ଷା ପାଇଥାଏ ଏବଂ ସହଜରେ ତାକୁ ବିଭିନ୍ନ ରୋଗ ଗ୍ରାସ କରି ନ ଥାଏ। କେବଳ ସେତିକି ନୁହେଁ ନିଜେ ମା'ମଧ୍ୟ ପିଲା ଜନ୍ମ ପରବର୍ତ୍ତୀ ସମୟରେ କୌଣସି ପ୍ରକାର ଶାରୀରିକ ସମସ୍ୟାର ସମ୍ମୁଖୀନ ହୋଇ ନ ଥାଏ କି ରୋଗଗ୍ରସ୍ତ ହେବାର ସମ୍ଭାବନା କମ୍ ଥାଏ। ଏହି ବିଷୟରେ କ୍ଲବର ସଦସ୍ୟାମାନେ ଯାଜପୁର ଅଞ୍ଚଳର ବଡ଼ ଡାକ୍ତରଖାନାଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ଡାକ୍ତରଖାନାକୁ ଯାଇ ସନ୍ତାନ ଜନ୍ମ କରିଥିବା ମହିଳାଙ୍କୁ ବୁଝାଇଛନ୍ତି। କେତେଜଣ ମା' ଏ ବିଷୟରେ ପୂର୍ବରୁ ଅବଗତ ନ ଥିବାରୁ କ୍ଲବ ପକ୍ଷରୁ ଏଭଳି ଉପାଦେୟ ପରାମର୍ଶ ଜାଣିବା ପରେ ନିଜର ଖୁସିବ୍ୟକ୍ତ କରି କ୍ଲବ ଏବଂ ଏହାର ସଦସ୍ୟାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କ୍ଲବ ସଭାପତି ପ୍ରେମଲତା ପଣ୍ଡା, ବରିଷ୍ଠ ସଭ୍ୟା ଆଶାଲତା ପତି, ସୁରୁଚି ପାଣି, ତିଳୋତ୍ତମା ଦାଶ ଓ ମିଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ଫାଇଲେରିଆ ନିରାକରଣ ଅଭିଯାନ


ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୨।୮(ବଟକୃଷ୍ଣ ପରିଡ଼ା):

ଜାରକା ରୋଟାରି କ୍ଲବ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ଅଭିଯାନ ଧର୍ମଶାଳା ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରି କ୍ଲବ ସଭାପତି ଇଂ. ବିପିନ କିଶୋର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲା ଆବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୦ ଅଗଷ୍ଟରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଚାଲୁ ରହିବ। ସାମୂହିକ ଔଷଧ ସେବନ ଦ୍ୱାରା ଫାଇଲେରିଆ ଦୂରୀକରଣ ହୋଇପାରିବ। ସମସ୍ତ ଯୋଗ୍ୟବ୍ୟକ୍ତି ଏହି ଔଷଧ ଖାଇବା ଉଚିତ ବୋଲି ଡା. ଶତପଥୀ ସୂଚନା ଦେଇଥିଲେ। ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଅଜାମ୍ବର ସାହୁ, ବିନୋଦ ପରିଡ଼ା, ଯତୀନ୍ଦ୍ର ମିଶ୍ର, ପ୍ରମୋଦ ସାମଲ, ମେଡିକାଲ ପକ୍ଷରୁ ଡା. ମାନସ ରଞ୍ଜନ ସ୍ୱାଇଁ, ସବିତା ମହାନ୍ତି, ଅଶୋକ ମିଶ୍ର, ଇନରହୁଇଲ କ୍ଲବ ପକ୍ଷରୁ ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ ଓ ମାଧୁରୀ ଶତପଥୀ ପ୍ରମୁଖ ଯୋଗଦେଇ ଫାଇଲେରିଆ ନିରାକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଲିମ୍ଫାଟିକ୍ ଫିଲାରେସିସ୍ ଔଷଧ ସେବନର ଶୁଭାରମ୍ଭ

ଯାଜପୁର ଟାଉନ,୧୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାରେ ଲିମ୍ଫାଟିକ୍ ଫିଲାରେସିସ ଔଷଧ ସେବନର ଶୁଭାରମ୍ଭ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଉକ୍ତ ଔଷଧ ଖୁଆଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲା ମ୍ୟାଲେରିଆ ଅଧିକାରୀ ପ୍ରଦୀପ କୁମାର ସାହୁ, ଭିବିଡି ସୁନୀଲ କୁମାର ମହାନ୍ତ, ବନ୍ଦନା ପ୍ରିୟଦର୍ଶିନୀ ସାମଲ, ଶୁଭ୍ରାଜିତ ପୃଷ୍ଟି, ସୌମ୍ୟରଞ୍ଜନ ନନ୍ଦ ଓ ଧ୍ରୁବ ଚରଣ ବରାଳ ଯୋଗଦେଇ ଜିଲାପାଳଙ୍କୁ ଔଷଧ ସେବନ କରାଇଥିଲେ। ଏଥିସହିତ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ଉକ୍ତ ଔଷଧ ସେବନ କରିବାକୁ ଦିଆଯାଇଥିଲା। ଏହି ଔଷଧ ସେବନ କାର୍ଯ୍ୟକ୍ରମ ସମଗ୍ର ଜିଲାରେ ୧୦ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ୱାସ୍ଥ୍ୟକର୍ମୀମାନେ ଜିଲାରେ ଥିବା ସମସ୍ତ ବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ସହ ଘର ଘର ବୁଲି ସମସ୍ତଙ୍କୁ ଏହି ଔଷଧ ସେବନ କରାଇବେ। ତେଣୁ ଜିଲାକୁ ଫାଇଲେରିଆ ମୁକ୍ତ କରିବାରେ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା ନିବେଦନ କରିଛନ୍ତି।

## ଜିଲା କଂଗ୍ରେସର କ୍ରାନ୍ତି ଦିବସ ପାଳିତ

ଯାଜପୁର ଟାଉନ,୧୨।୮(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ୮୧ତମ କ୍ରାନ୍ତି ଦିବସ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରାମଧୂନି ଗାନ କରାଯାଇଥିଲା। ପରେ ଜିଲା କଂଗ୍ରେସ୍ କାର୍ଯ୍ୟାଳୟଠାରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଠାରେ ଉପସ୍ଥିତ ଥିବା ସର୍ବଶ୍ରୀ ଦିଗମ୍ବର କର, ଆଲୋକ ବେହେରା, ଦୁର୍ଯ୍ୟୋଧନ ବେହେରା, ମିହିର ଦାସ, ସଂଗ୍ରାମ ସାହାଣୀ, ରଘୁନାଥ ସାହୁ, କପିଳେଶ୍ୱର ଦଳାଇ, ବିଜୟ ମହାପାତ୍ର, ପ୍ରଦୀପ ବେହୁରିଆ, ଅବଦୁଲ ରୌଫ, ନକୁଳଦେବ ସାହୁ, ଗଦାଧର ଦାସ, କନକଲତା ରାଉତ ଓ ଅବଦୁଲ୍ ସଲିମ୍ ଖାଁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ୫ ଜିଲାର ଶ୍ରମଜୀବୀ ନେତା ସମାବେଶ

**ଶ୍ରମିକ ଶୋଷଣ ବିରୋଧରେ ଲଢ଼େଇ ସଜବାଜ**

ଯାଜପୁର,୧୨।୮ (ହର୍ଷବର୍ଦ୍ଧନ ବେହେରା)


ସମାବେଶରେ ଯୋଗଦେଇଥିବା ଶ୍ରମିକ ନେତାମାନେ।

ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲାର ଶ୍ରମଜୀବୀ ନେତାମାନଙ୍କ ସମାବେଶ ଶନିବାର ବ୍ୟାସନଗର ମହାନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାରା ଓଡ଼ିଶା ଶ୍ରମଜୀବୀ ମହାସଭାର ଶାଖା ଗଠନ କରାଯାଇଛି। ଏହି ସଭାରେ ବେକାରି, ଛଟେଇ, ମଜୁରି ହ୍ରାସ ସଂକ୍ରାନ୍ତରେ ଆଲୋଚନା କରାଯାଇ କଳକାରଖାନା, ଖଣିଖାଦାନରେ ଶ୍ରମିକ-କର୍ମଚାରୀଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ କାମ କରୁନି ବୋଲି ମତପ୍ରକାଶ ପାଇଥିଲା। ପୂର୍ବଭଳି ଆଉ ଶ୍ରମିକ ଆନ୍ଦୋଳନ ନାହିଁ। ମାଲିକ, ଠିକାଦାର, ଶାସକ-ପ୍ରଶାସକଙ୍କ ଅସାଧୁ ମୈତ୍ରୀ ଯୋଗୁ ପ୍ରତିଦିନ ଶ୍ରମିକ ଶୋଷଣ ବଢ଼ିଚାଲିଛି। ଏବେ ଶ୍ରମଜୀବୀ ଶ୍ରେଣୀଙ୍କ ମଧ୍ୟରେ ଅଶାନ୍ତି ଓ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହେବାରେ ଲାଗିଛି। କଲରଙ୍ଗୀ କ୍ରୋମାଇଟ ଖଣି, ମୟୂରଭଞ୍ଜ ଗୋରୁମହିଷାଣୀ ଲୁହାପଥର ଖଣି, ବଉଳା ଅଞ୍ଚଳ କ୍ରୋମାଇଟ ଖଣିରେ ଓଡ଼ିଶା ଖଣି ନିଗମ ଓ ଘରୋଇ ମାଲିକମାନେ ବର୍ଷବର୍ଷ ଧରି ଖଣି ବନ୍ଦ କରି ଶ୍ରମିକମାନଙ୍କ ପିଛିଲା ହକ ପ୍ରାପ୍ୟ କୋଟିକୋଟି ଟଙ୍କା ଦେଉନାହାନ୍ତି। କୌଣସି ଶ୍ରମିକ, କର୍ମଚାରୀ ଏହି ଅନ୍ୟାୟ ବିରୋଧରେ ପାଟି ଫିଟାଇଲେ ତାଙ୍କୁ କାମରୁ ବାହାର କରି ଦିଆଯାଉଛି। ଅନ୍ୟମାନଙ୍କୁ ଚୁପ ରହିବା ପାଇଁ ଧମକ ଦିଆଯାଉଛି। ଫଳରେ କାମ ଚାଲିଯିବା ଭୟରେ ଖଣି ଓ କଳକାରଖାନାର ଶ୍ରମିକ କର୍ମଚାରୀମାନେ ମୁଣ୍ଡ ତଳକୁ କରି କାମ କରି ଚାଲିଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଓଡିଶା ଶ୍ରମଜୀବୀ ମହାସଭାର ଉତ୍ତର ପୂର୍ବାଞ୍ଚଳ ଶାଖା ଗଠନ କରାଯାଇଛି। ନେତୃବୃନ୍ଦ ସେମାନଙ୍କ ଜିଲାରେ ଥିବା କଳକାରଖାନା, ଖଣି ଖାଦାନଗୁଡ଼ିକରେ ଚାଲିଥିବା ଶୋଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ, ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମହାସଭା ଶାଖା ଗଠନ କରାଯାଇ ସମସ୍ତ ଜିଲାର ପ୍ରତିନିଧିଙ୍କୁ ନେଇ ସାରାଓଡିଶା ଶ୍ରମଜୀବୀ ମହାସଭାର ମହାସମ୍ମିଳନୀ ନଭେମ୍ବରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏ ମହାସଭାରେ ସୁପ୍ରିମକୋର୍ଟ, ଓଡିଶା ହାଇକୋର୍ଟ, ଭୁବନେଶ୍ୱର କୋର୍ଟର ଶ୍ରମିକ ସ୍ୱାର୍ଥ ନେଇ ଲଢୁଥିବା ବରିଷ୍ଠ ଆଡ୍‌ଭୋକେଟମାନେ ସହଯୋଗ କରିବେ। ଅବସରପ୍ରାପ୍ତ ପ୍ରଫେସର, ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ ମଧ୍ୟ ଯୋଗଦେବେ। ଶ୍ରମଜୀବୀ ଶ୍ରେଣୀଙ୍କ ସ୍ୱାର୍ଥ ହାସଲ ପାଇଁ ଆଇନଗତ ଓ କୌଶଳଗତ ଲଢ଼େଇ ଜାରି ରହିବ ବୋଲି ଶ୍ରମିକ ନେତା ନାୟକ କହିଛନ୍ତି।

# ବୁଣାକାରଙ୍କ ସ୍ଥିତି ପରଖିଲେ ସ୍ୱତନ୍ତ୍ର ଅଧିକାରୀ

**ଜାତୀୟ ହସ୍ତତନ୍ତ ସପ୍ତାହ**

ରସୁଲପୁର,୧୨।୮(ରଞ୍ଜିତ ରାଉତ):


ବୁଣାକାରଙ୍କ ସହ ଆଲୋଚନା କରୁଛନ୍ତି ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ଓ ତାଙ୍କ ଟିମ୍।

ଜାତୀୟ ହସ୍ତତନ୍ତ ସପ୍ତାହ ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବୁଣାକାର ଗାଁ ଗୋପାଳପୁରରେ ହସ୍ତତନ୍ତ, ବୟନ ଓ ରେଶମ ଶିଳ୍ପ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ପହଞ୍ଚି ବୁଣକାରମାନଙ୍କ ସ୍ଥିତି ପରଖିଛନ୍ତି। ଯାଜପୁର ଜିଲା ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ବେହେରା ଗୋପାଳପୁର ଗାଁର ମା'ତାରିଣୀ ବୁଣାକାର ତନ୍ତୁବାୟ ସମିତିରେ ପହଞ୍ଚିଥିଲେ। ସେଠାରେ ବୁଣାକାରଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିଥିଲେ। ପରେ ଶ୍ରୀବିଷ୍ଣୁ ବୁଣାକାର ତନ୍ତୁବାୟ ସମିତି, ମା'ମଙ୍ଗଳା ମହିଳା ତନ୍ତୁବାୟ ସମିତି ସମେତ ୪ରୁ ଉର୍ଦ୍ଧ୍ୱ ସମିତି ବୁଲି ବୁଣାକାର, କାରିଗର, ସମିତିର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ସମିତି ଅଧୀନରେ ଚାଲିଥିବା ବୁଣାକାର ଦକ୍ଷତା ତାଲିମ ଶିବିର ସ୍ଥଳ ବୁଲି ଦେଖିବା ସହ ଶିବିରରେ ଜାକଡକୁ ନେଇ ଦିଆଯାଉଥିବା ତାଲିମରେ ନିୟୋଜିତ ମାଷ୍ଟର ଟ୍ରେନରଙ୍କ ସହ ଆଲୋଚନା କରିଥିଲେ। ବୁଣାକାରଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ଆଲୋଚନା କରିବା ସହ ତୃଣମୂଳସ୍ତରରେ କାର୍ଯ୍ୟରତ କାରିଗର, ବୁଣାକାର ପରିବାରଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏଥିରେ ସମସ୍ୟାକୁ ନେଇ କରାଯାଉଥିବା ସମୀକ୍ଷାରେ ବୁଣାକାରମାନେ ଅଂଶଗ୍ରହଣ କରି ମତ ରଖିଥିଲେ। ସେମାନେ କଞ୍ଚାମାଲର ଅଭାବ ଦୂର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଗୋଟିଏ ପରିବାରରେ ଏକାଧିକ ତନ୍ତ ରହୁଛି। ପରିବାର ପିଛା ଗୋଟିଏ ସୋଲାର ଲାଇଟି ମିଳୁଛି। ଏହା କେବଳ ଗୋଟିଏ ତନ୍ତଶାଳା ପାଇଁ ପ୍ରଯୁଜ୍ୟ। ଏହିଭଳି କ୍ଷେତ୍ରରେ ବୁଣାକାର ପରିବାରକୁ ବିଚାରକୁ ନିଆ ନ ଯାଇ ତନ୍ତଶାଳା ଆଧାରରେ ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ବୁଣାକାର, କାରିଗର, ସମିତିର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଉପସ୍ଥାପନ କରାଯାଇ ଥିବା ବିଭିନ୍ନ ସମସ୍ୟାଗୁଡିକ ସମ୍ପର୍କରେ ସ୍ୱତନ୍ତ୍ର ଅଧିକାରୀ ବେହେରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।

କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଯାଜପୁର ଜିଲା ହସ୍ତକଳା ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମହାନ୍ତି, ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର, ବୟନ ନିରୀକ୍ଷକ ଦୁଷ୍ମନ୍ତ ପାତ୍ର, ତାରିଣୀ ଛାଟୋଇ, ବୁଣାକାର ନେତା ରମେଶ ଦାସ, ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ ପ୍ରମୁଖ ଆଲୋଚାନରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ସମିତି ବୁଲି ସ୍ଥିତି ପରଖିଥିଲେ। କ୍ଷେତ୍ରରୁ ସଂଗୃହୀତ ତଥ୍ୟକୁ ନେଇ ସ୍ୱତନ୍ତ୍ର ଅଧିକାରୀ ରିପୋର୍ଟ ପ୍ରସ୍ତୁତ କରି ବିଭାଗରେ ଉପସ୍ଥାପନ କରିବା ସହ ଏ ଦିଗରେ ସରକାରଙ୍କ ସହ ଆଲୋଚନା କରି ଯାହାକିଛି ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଥାନା ଦ୍ୱାରସ୍ଥ ହେଲେ ଆହତ ମହିଳା

#### ପୋଖରୀ ସଫାକୁ କେନ୍ଦ୍ର କରି ଆକ୍ରମଣ ଘଟଣା



କେନ୍ଦ୍ରାପଡ଼ା,୧୨।୮ (ଜଗନ୍ନାଥ ଧଳ)

ଗତ ୫ ତାରିଖ ଦିନ ରାଜକନିକା ଗୋପାଳପୁର ଗ୍ରାମରେ ପୋଖରୀ ସଫାରୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା । ଗାଁର ଶତ୍ରୁଘ୍ନ ନାୟକଙ୍କ ସ୍ତ୍ରୀ ଦମୟନ୍ତୀ ଓ ଝିଅ ମାମୁନିଙ୍କୁ ଘରେ ପଶି ଗୋଟିଏ ଗୋଷ୍ଠୀର ଲୋକେ ଆକ୍ରମଣ କରିଥିଲେ । ଏଥିରେ ମାମୁନି ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି । ଦମୟନ୍ତୀ ବି ଆହତ ହୋଇଛନ୍ତି । ଅଭିଯୁକ୍ତମାନେ ଏବେ ବି ଗାଁରେ ବୁଲୁଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଶନିବାର ଦମୟନ୍ତୀ ରାଜକନିକା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ୮ ଦିନ ବିତି ଯାଇଥିଲେ ମଧ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି ।

### ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

ଡେରାବିଶ,୧୨।୮ (ବେବର୍ତ୍ତା ଅଜୟ ଦାସ)

ବିଲକୁ ଚାଷକାମ ଦେଖିବାକୁ ଯାଇଥିବା ଜଣେ ଚାଷୀଙ୍କ ଶନିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ମୃତ ଚାଷୀ ଜଣକ ହେଲେ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳ ଗ୍ରାମର ନଟବର ସାମଲ (୭୦) । ପରିବାରଙ୍କ ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ନଟବର ବିଲରେ ରୁଆପୋତା କାମ ଦେଖିବାକୁ ଯାଇଥିଲେ । ମାତ୍ର ସେଠାରେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ସେଠାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ୍‌କୁ ନେଇଯାଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ନଟବରଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

### ଯୌତୁକ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ନବବଧୂ



ଥାନାରେ ମା'ବାପାଙ୍କ ସହ ମଧୁସ୍ମିତା ।

କେନ୍ଦ୍ରାପଡ଼ା୧୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ଜୟନଗର ପଞ୍ଚାୟତ ରାଉଳିଆ ଗ୍ରାମରେ ଏକ ଯୌତୁକ ନିର୍ଯାତନା ଘଟଣା ଘଟିଛି । ଏହାକୁ ନେଇ ଜଣେ ନବବଧୂ ନିଜ ମା'ବାପାଙ୍କ ସହିତ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ, ରାଜକନିକା ବରୁଣାଡିହା ଗ୍ରାମର ବିଷ୍ଣୁ ଚରଣ ଜେନାଙ୍କ ଝିଅ ମଧୁସ୍ମିତା ତା୮।୬।୨୩ରିଖରେ ଜୟନଗର ରାଉଳିଆ ଗ୍ରାମର ଜଗବନ୍ଧୁ ପଲାଇଙ୍କ ପୁଅ ଜୟପ୍ରକାଶଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷଙ୍କ ଦାବି ଅନୁଯାୟୀ ସମସ୍ତ ଜିନିଷପତ୍ର ଦିଆଯାଇଥିଲା । ହେଲେ ବିବାହର ମାତ୍ର ୨ ମାସ ନ ପୂରୁଣୁ ବରପକ୍ଷ ଏକ ମଟର ସାଇକେଲ ପାଇଁ ମଧୁସ୍ମିତାଙ୍କ ଉପରେ ଚାପ ପକାଇଥିଲେ । ଅନ୍ୟପକ୍ଷେ ସ୍ୱାମୀଙ୍କ ଅନ୍ୟ ଜଣେ ଝିଅ ସହ ଅନୈତିକ ସମ୍ପର୍କ ରହିଥିବାରୁ ସେ ମଧୁସ୍ମିତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତାନ ଦେବା ସହିତ ମଟର ସାଇକେଲ ଘରୁ ଆଣିବାକୁ କହି ଧମକ ଚମକ ଦେଉଥିଲେ । ଶେଷରେ ମଧୁସ୍ମିତା ମା'ବାପାଙ୍କ ସହ ରାଜକନିକା ଥାନାକୁ ଆସି ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳ ସୂଚନା ଦେଇଛନ୍ତି ।

# ଶିଳ୍ପ ପ୍ରଦୂଷଣରେ ଆକ୍ରାନ୍ତ ଶିଳ୍ପବିହୀନ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା,୧୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମଧ୍ୟମ ଅଥବା ବୃହତ୍ ଶିଳ୍ପ ନାହିଁ । ଜିଲାର ପୂର୍ବପାର୍ଶ୍ୱରେ ବଙ୍ଗୋପସାଗର ଥିବା ବେଳେ ଅନ୍ୟ ତିନିପାର୍ଶ୍ୱ ଜିଲାରେ ୪ ଜିଲାର ଶିଳ୍ପାଞ୍ଚଳ ରହିଛି । ଜଗତସିଂହପୁର, କଟକ, ଯାଜପୁର ଓ ଭଦ୍ରକ ଜିଲାର ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ରାସାୟନିକ ପ୍ରଦୂଷଣ ଏହି ଜିଲାବାସୀଙ୍କୁ ଅତିଷ୍ଠ କରୁଛି । ଜିଲାର ୭ ନଦୀ ଓ ୨୭ ନାଳର ପାଣି ଏବେ ମିଠା ଜହର ପାଲଟିଛି । ପାନୀୟ ଜଳ ସମେତ ଜିଲାର ବାୟୁମଣ୍ଡଳ ଏବେ ପ୍ରଦୂଷିତ ହୋଇଛି ବୋଲି ବିଭିନ୍ନ ରିପୋର୍ଟରେ ଉଲ୍ଲେଖ ଅଛି । ଜନସାଧାରଣଙ୍କ ସହିତ ଜଙ୍ଗଲ, ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଏଥିରେ ହନ୍ତସନ୍ତ ହେଉଛନ୍ତି । ପ୍ରଦୂଷଣକୁ ରୋକିବା ପାଇଁ ପ୍ରଶାସନିକ ଉଦ୍ୟମ ନାହିଁ । ଏହା ବିରୋଧରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ହେବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି ।

ଏସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି, ପଡ଼ୋଶୀ ଜଗତସିଂହପୁର ଜିଲାର ୧୬ ବୃହତ୍ ଶିଳ୍ପ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକକୁ ଲାଗିଛି । ଶିଳ୍ପାଞ୍ଚଳରେ ଆମୋନିଆ, ନାଇଟ୍ରୋଜେନ, ହାଇଡ୍ରୋଜେନ, ସଲଫର ଡାଇଅକ୍ସାଇଡ, କ୍ଲୋରିନ ପରି ମାରାତ୍ମକ ଗ୍ୟାସ ବ୍ୟବହାର ହେଉଛି । କଳକାରଖାନାରୁ



ଭିତରକନିକାକୁ ଯାଇଥିବା ନଦୀଜଳ ।

ନିର୍ଗତ ମିଥାଇଲ ଆଇସୋସିଆନେଡ, କ୍ଲୋର ପ୍ରିକ୍ରିନ, କ୍ଲୋର ବେଞ୍ଜାଇକ ଆଦି ବଜ୍ୟ ରାସାୟନିକ ବସ୍ତୁକୁ ନିକଟସ୍ଥ ନଦୀନାଳକୁ ଛଡାଯାଉଛି । ଏହି ଗ୍ୟାସ ଏବେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ବିପଦ ସାଜିଛି । ବିଷାକ୍ତ ଗ୍ୟାସ ଫଳରେ ଚାଷ ଓ ଫସଲ ନଷ୍ଟ ହେଉଥିବା ବେଳେ ଚର୍ମରୋଗଠାରୁ ଆରମ୍ଭ କରି କ୍ୟାନସର କାରଣ ସାଜିଛି । ଏନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ ପ୍ରଦୂଷଣ ରୋକିବାକୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏନେଇ ଏକ ମାମଲା ଏନ୍‌ଜିଟିରେ ହେବ ବୋଲି ସେ ପ୍ରକାଶ କରିଛନ୍ତି । ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୧୧ରେ ଏହି ଜିଲାରେ ଏକ ସର୍ଭେ କରିଥିଲେ । ଭୂତଳ ଜଳକୁ ପରୀକ୍ଷା ପରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ ଆବଶ୍ୟକତାଠାରୁ ବହୁ ପରିମାଣରେ ଜଳରେ ଥିବା ଜାଣିଥିଲେ । ୨୦୧୪ରେ ବାରିପଦାସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜିର ଗବେଷକ ବି.ସି.ବେହେରା, ଭୁବନେଶ୍ୱରସ୍ଥିତ ଏମ୍‌ଆଇଟିଏସ ସ୍କୁଲ ଅଫ୍ ବାୟୋ ଟେକ୍ନୋଲୋଜି ପ୍ରାଧ୍ୟାପକ ଆର.ଆର.ମିଶ୍ର, ବାଙ୍ଗାଲୋରସ୍ଥିତ ଆଇଆରଏସ୍‌ର ରିଡର ଏସ୍.କେ.ଦତ୍ତା ପ୍ରମୁଖ ଏକ ରିପୋର୍ଟ ପ୍ରଦାନ କରିଛନ୍ତି । ଏଥିରେ ବାୟୁ ପ୍ରଦୂଷଣ ସହିତ ଜଳର ମାତ୍ରାଧିକ ପ୍ରଦୂଷଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ପଡୋଶୀ ୪ ଜିଲାର ଶିଳ୍ପକୁ ଦାୟୀ କରାଯାଇପାରେ । ବ୍ରାହ୍ମଣୀ ନଦୀରେ ତାଳଚେର ଜିଲାର ଶିଳ୍ପ ବର୍ଜ୍ୟବସ୍ତୁ ଛାଡୁଥିବା ବେଳେ ଏଥିରେ କଳିଙ୍ଗ ନଗର ଶିଳ୍ପ ସାମିଲ ହୋଇଛି । ସେହିପରି ମହାନଦୀର ଜଳକୁ କଟକ ଓ ଜଗତସିଂହପୁର ଜିଲାର ଶିଳ୍ପାଞ୍ଚଳ ନଷ୍ଟ କରୁଥିବା ବେଳେ ଧାମରା ବନ୍ଦର ମଧ୍ୟ ଏହି ଜିଲାର ପରିବେଶକୁ ନଷ୍ଟ କରୁଛି । ଏସବୁ ଶିଳ୍ପାଞ୍ଚଳ କେନ୍ଦ୍ରାପଡ଼ା ଜିଲାର ରାସ୍ତାକୁ ଉପଯୋଗ କରୁଥିବା ବେଳେ ରାସାୟନିକ ବିପର୍ଯ୍ୟୟ ପାଇଁ କୌଣସି ତତ୍ପରତା ନାହିଁ । ସେହିପରି ପଡୋଶୀ ଜିଲା କେନ୍ଦ୍ରାପଡ଼ାରେ ସିଏସ୍‌ଆର ଫଣ୍ଡ ବିନିଯୋଗ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି । ସାମାଜିକ କର୍ମୀ ଶୁଭାଶିଷ ଷଡ଼ଙ୍ଗୀ କହିଛନ୍ତି, ଗତ ୨୦୨୧ରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ଦେଶର ୧୧୨ଟି ପ୍ରଦୂଷିତ ଅଞ୍ଚଳକୁ ଚିହ୍ନଟ କରିଛନ୍ତି । ଏଥିରେ ପାରାଦୀପ ବନ୍ଦର ୪୮ ତମ ସ୍ଥାନରେ ଅଛି । ପ୍ରଦୂଷଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରୁ ବାଦ ପଡିଛି । ଏପରି ସ୍ଥିତି ଜାରି ରହିଲେ ଏହି ଅଭୟାରଣ୍ୟରେ ବହୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ନିଶ୍ଚିହ୍ନ ହେବା ସହିତ ତଟକ୍ଷୟ ଦ୍ରୁତଗତିରେ ହେବ । ଏସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ବିଭାଗୀୟ ଅନୁଧ୍ୟାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ପରିବେଶ ବିଭାଗକୁ ଚିଠି ହୋଇଛି । ପ୍ରଦୂଷିତ କରୁଥିବା ପ୍ଲାଣ୍ଟଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଚିଠିରେ ଉଲ୍ଲେଖ ହୋଇଛି ।

- ଜହର ପାଲଟିଛି ୭ ନଦୀ,ନାଳର ଜଳ
- ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମଣିଷ,ଜୀବଜନ୍ତୁ
- ପ୍ରଦୂଷଣ ରୋକିବାକୁ ନାହିଁ କାର୍ଯ୍ୟାନୁଷ୍ଠାନ

## କରାଣ୍ଡିଆ ନଦୀରେ ବୁଡ଼ି ଯୁବକ ମୃତ

ଡେରାବିଶ,୧୨।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅଧୀନରେ ଥିବା କରାଣ୍ଡିଆ ନଦୀରେ ଗାଧୋଇବାକୁ ଯାଇ ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ ହରିଅଙ୍କ (କୁଳସାହି) ଗ୍ରାମର ଅବିନାଶ ସାହୁ (୧୯) । ଏ ସମ୍ପର୍କରେ ମୃତ ଅବିନାଶଙ୍କ ଦାଦା ସୁନାକର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅବିନାଶ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ନଦୀକୂଳକୁ ଯାଇ ଖୋଜା ଖୋଜି କରିଥିଲେ ମଧ୍ୟ ଅବିନାଶଙ୍କ ପତ୍ତା ମିଳି ନ ଥିଲା । ମାତ୍ର ଗାଧୋଇବା ତୁଠରେ ତାଙ୍କ ଚପଲ ଓ ସାଇକେଲ୍ ମିଳିଥିଲା । ପରେ ସ୍ଥାନୀୟ ଯୁବକମାନେ ବହୁ ଖୋଜାଖୋଜି କରିବା ସହ ଜାଲ ପକାଇ ଅବିନାଶଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ପୋଲିସ ଜବତ କରି ଶନିବାର ବ୍ୟବଚ୍ଛେଦ କରାଇବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁ ହୋଇଛି ।

## ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍ ୧ଲକ୍ଷ ଜାତୀୟ ପତାକା ଦେବ

ଡେରାବିଶ,୧୨।୮ (ବେବର୍ତ୍ତା ଅଜୟ ଦାସ)

ଆସନ୍ତା ସ୍ୱାଧୀନତା ଦିବସ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ହର ଘର ତ୍ରିରଙ୍ଗା ଯୋଜନାରେ ଡେରାବିଶ ବ୍ଲକ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ କେନ୍ଦ୍ରାପଡ଼ା ଜିଲା ପାଇଁ ୧ଲକ୍ଷ ଜାତୀୟ ପତାକା ଯୋଗାଇ ଦେବା ପାଇଁ ପ୍ରସ୍ତୁତି ଜୋରଦାର କରିଛି । ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ମିଶନଶକ୍ତି ମାଧ୍ୟମରେ ପ୍ରଡ୍ୟୁସର୍ସ ଗ୍ରୁପ ଦୀର୍ଘ ବର୍ଷ ହେବ ବିଭିନ୍ନ ଯୋଜନା ମାଧ୍ୟମରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି । କରୋନା ସମୟରେ ଲକ୍ଷାଧିକ ମାସ୍କ ତିଆରି କରି ଜିଲା ପ୍ରଶାସନକୁ ଯୋଗାଇଥିବା ବେଳେ ଗତ ୨ ବର୍ଷ ହେବ ଜାତୀୟ ପତାକା ପ୍ରସ୍ତୁତ କରିଛି । ନିଜର ପ୍ରତିକ୍ରିୟା ରଖି ଗ୍ରୁପର ସଭାନେତ୍ରୀ ଲେସାତୁନ୍ ବିବି କୁହନ୍ତି, ଏହି ଗ୍ରୁପରେ ୧୦୦ ଜଣ ମହିଳା ସଦସ୍ୟ ନିଜେ ସ୍ୱାବଲମ୍ବୀ ହେବା ପାଇଁ ଗ୍ରୁପ ମାଧ୍ୟମରେ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ନିଜେ ଓ ନିଜ ପରିବାରର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଛନ୍ତି । ପୁରୁଷ ଓ ମହିଳାଙ୍କ ପାଇଁ ପୋଷାକ, ବିଶେଷ କରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ପୋଷାକ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ବେଳେ ଏମ୍ବ୍ରୋଡୋରୀ କାର୍ଯ୍ୟ ପାଇଁ ଜାତୀୟସ୍ତରରେ ନିଜର ସ୍ୱତନ୍ତ ପରିଚୟ ସୃଷ୍ଟି କରିପାରିଛି । ଗତ ଏପ୍ରିଲ ୨୭ ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏହି ଗ୍ରୁପ ପରିଦର୍ଶନରେ ଆସି ଖୁସିବ୍ୟକ୍ତି କରିବା ସହ ଏହାକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପରେ ପରିଣତ ପାଇଁ କେନ୍ଦ୍ରାପଡ଼ା ଜିଲାପାଳ ଓ ଡେରାବିଶ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ମାସ ୯ ତାରିଖରେ ମିଶନଶକ୍ତିର ଲିଗାଲ୍ ଆଡ଼ଭାଇଜର ଲୋପାମୁଦ୍ରା ବକ୍ସିପାତ୍ର ଏହି ଗ୍ରୁପ ପରିଦର୍ଶନ କରି ଫେରିଛନ୍ତି । ପ୍ରସ୍ତୁତ ହୋଇଥିବା ୧ଲକ୍ଷରୁ ଉର୍ଦ୍ଧ୍ୱ ଜାତୀୟ ପତାକା ୧୩ ତାରିଖ ସୁଦ୍ଧା ଡେରାବିଶ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟରେ ଦେବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଗ୍ରୁପର ସମ୍ପାଦିକା ରେଶମା ବେଗମ୍ କହିଛନ୍ତି ।

### ହର୍ ଘର୍ ତ୍ରିରଙ୍ଗା



ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜାତୀୟ ପତାକା ତିଆରି କରାଯାଉଛି ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କଲେ ଛାତ୍ର

କେନ୍ଦ୍ରାପଡ଼ା,୧୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକାସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୧୫ଦିନ ହେବ ପୋଡ଼ି ଯାଇଥିଲା । ଏଥିପାଇଁ ପାଠପଢାରେ ବ୍ୟାଘାତ ଦର୍ଶାଇ ଶନିବାର ଦିନ ଶତାଧିକ ଛାତ୍ର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଥିଲେ । ଏବାବଦରେ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ ଟାଟା ପାଓାର (ଇଲେକ୍ଟ୍ରି) କାର୍ଯ୍ୟାଳୟରେ ଜଣାଇବା ପରେ ୪ଦିନ ତଳେ ଏକ ଟ୍ରାନ୍ସଫର୍ମର ବସାଯାଇଥିଲା । ହେଲେ ତାହା ମଧ ୨ଦିନ ହେବ ପୋଡ଼ି ଯାଇଥିଲା । ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଶନିବାର ମହାବିଦ୍ୟାଳୟର ଶତାଧିକ ଛାତ୍ର ଏକତ୍ରିତ ହୋଇ ରାଜକନିକା କଣ୍ଟପଡା ବଜାରସ୍ଥିତ ଟାଟା ପାୱାର କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ଛାତ୍ରମାନେ କହିଛନ୍ତି, ଆମ କଲେଜରେ ଟ୍ରାନ୍ସଫର୍ମର ପୋଡିଯିବା ଫଳରେ ପାଠପଢାରେ ବ୍ୟାଘାତ ହେଉଛି, ଆମେ ପ୍ରାକ୍ଟିକାଲ କ୍ଲାସ କରିପାରୁନୁ । ଯଦିବା ୧୫ ଦିନ ପରେ ଟ୍ରାନ୍ସଫର୍ମର ବସିଲା ସେ ପୁଣି ପୁରୁଣା ଟ୍ରାନ୍ସଫର୍ମର ଯାହାକି ୨ଦିନ ତଳେ ପୋଡିଯାଇଥିଲା । ଆସନ୍ତା ସୋମବାର ସୁଦ୍ଧା ଟ୍ରାନ୍ସଫର୍ମର ବସାଇଦେବାକୁ ଟାଟା ପାୱାର କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ଇଞ୍ଜିନିୟର ଦୀପଙ୍କର ଦେବତା କହିବା ପରେ ଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ ।

## ବାଲୁକା ଶିଳ୍ପୀ ଯତୀନ ଦାସ ସମ୍ବର୍ଦ୍ଧିତ





ବାଲୁକା ଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

ଆଳି,୧୨।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ବାଲୁକା ଶିଳ୍ପୀ ଯତୀନ ଦାସ ନିଜର କଳାକୃତି ନିମନ୍ତେ ଜିଲା ସଂସ୍କୃତି ଭବନରେ ପୁରସ୍କୃତ ହୋଇଛନ୍ତି । ଆଳି ବ୍ଲକ ସିଙ୍ଗିରି ଗ୍ରାମପଞ୍ଚାୟତ ଧାନମଣ୍ଡଳ ଗ୍ରାମର ସାଧୁ ଚରଣ ଦାସଙ୍କ କନିଷ୍ଠ ପୁତ୍ର ଯତୀନ ଦାସ ସଂସ୍କୃତି ଭବନରେ ଆର୍ଟ ଆସୋସିଏଶନ ଆୟୋଜିତ କରିଥିବା ଆର୍ଟ ଫେଷ୍ଟିଭାଲ ଆୱାର୍ଡରେ ପୁରସ୍କୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠି, ଏବିଡ଼ିଓ ନରହରି ସୁତାର, ତୁଳସୀ ମହିଳା ମହାବିଦ୍ୟାଳୟର ଅତିରିକ୍ତ ଅଧ୍ୟକ୍ଷ ଅଜୟ କୁମାର ରାଉତ, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ଏଦ୍ରୀସ ଅଲି, ବିଜୁ ଯୁବ ଜନତାଦଳ ସଭାପତି ରାଜେଶ ଦାସ, ସାମାଜିକ କର୍ମୀ ମୁରଲୀଧର ସେଠୀ ଯୋଗ ଦେଇଥିଲେ । ଏହି ଅବସରରେ କୁନି କୁନି ପିଲାମାନଙ୍କୁ ନେଇ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସମସ୍ତ ପ୍ରତିଭାମାନଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ମହାକାଳୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ରାଜନଗର,୧୨।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବେଲପାଳସ୍ଥିତ ମହାକାଳୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭା ଅବସରପ୍ରାପ୍ତ ଶିକ୍ଷକ ଅଧିକାରୀ ସ୍ୱାଇଁ, ସହଶିକ୍ଷକ ହୃଦାନନ୍ଦ ମିଶ୍ର, ୪ର୍ଥ ଶ୍ରେଣୀ କର୍ମଚାରୀ ସନାତନ ମହାନ୍ତି ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ପାଇଥିବା ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ରାଉତରାୟ, ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁ, ସୁଧାକର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ, ଶିକ୍ଷାବିତ୍ ବିଜୟ କୁମାର ଜେନା, କ୍ଷେତ୍ରବାସୀ ସ୍ୱାଇଁ, ପ୍ରେମାନନ୍ଦ ଆଚାର୍ଯ୍ୟ, ବାଇଧର ସ୍ୱାଇଁ, ପ୍ରସନ୍ନ କୁମାର ଦାସ, ସୁକାନ୍ତ କୁମାର ତ୍ରିପାଠୀ, ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ବରଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦୟାନିଧି ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ଏବଂ ଗ୍ରାମବାସୀ ଯୋଗଦେଇଥିଲେ ।





ସମ୍ବର୍ଦ୍ଧନା ସଭାରେ ଅତିଥି ଓ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ ।

# ଉଭୟ ଟିମ୍‌କୁ ୧-୧ ପଏଣ୍ଟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

### ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍

କେନ୍ଦ୍ରାପଡ଼ା,୧୨।୮ (ଜଗନ୍ନାଥ ଧଳ)

ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଆର୍. ଏନ. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଚାଲିଥିବା ପ୍ରିମିୟର ଫୁଟବଲ ଲିଗ-୨୦୨୩ର ୫ମ ଦିନରେ ଅର୍ବାନ ଫୁଟବଲ କ୍ଲବ ବନାମ କନିକା ୱାରାୟର୍ସ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଉଭୟ ଟିମ୍ କେହି କାହାରିଙ୍କୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ, ଫଳରେ ଖେଳଟି ଅମିମାଂସିତ ଭାବେ ଶେଷ ହେବା ପରେ ଲିଗ ମ୍ୟାଚ ନିୟମାନୁଯାୟୀ ଉଭୟ ଟିମ ୧-୧ ପଏଣ୍ଟ ପାଇଥିଲେ । ଉଭୟ ଟିମର ଗୋଲରକ୍ଷକ ସୌମ୍ୟରଞ୍ଜନ ନାୟକ ଓ ସମିତ କୁମାର ମଲ୍ଲିକଙ୍କୁ ମିଳିତ ଭାବେ ଆଜିର ଖେଳର ଶ୍ରେଷ୍ଠ ଖେଳାଳି ବା ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଆଜିର ମ୍ୟାଚରେ ଅତିଥି ଭାବେ କଣ୍ଟପଡା ଗ୍ରା:ପ: ସରପଞ୍ଚ ବିଜୟଲକ୍ଷ୍ମୀ ବେହେରା, କାଟଣା ଗ୍ରା:ପ: ସମିତିସଭ୍ୟା ଝିଲିପ୍ରଦା ଜେନା ପ୍ରମୁଖ ଯୋଗଦେଇ ଉଭୟ ଟିମର ଖେଳାଳିମାନଙ୍କ ସହ ପରିଚିତ ହେବାସହ ଉତ୍ସାହିତ କରିବା ପୂର୍ବକ ଆଜିର ଖେଳରେ ଶ୍ରେଷ୍ଠ ଖେଳାଳି ବା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ଉଭୟ ଟିମର ଗୋଲରକ୍ଷକଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଆସୋସିଏଶନ ପକ୍ଷରୁ ଉପସଭାପତି ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଡ. ଫକୀର ଚରଣ ପ୍ରଧାନ, ଫୁଟବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ, ମିଡ଼ିଆସେଲ ସମ୍ପାଦକ ଅଜୟ କୁମାର ରାଉତ, ଦେବେନ୍ଦ୍ର ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ରବିବାର ମ୍ୟାଚ କନିକା ୟୁନାଇଟେଡ ଫୁଟବଲ କ୍ଲବ ବନାମ ଏ.ଏସ.ଏମ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି ।

# ବେଆଇନ ପଥର ଖାଦାନରେ ପୁଣି ମୁଣ୍ଡ ଗଡ଼ିଲା

- ଖାଦାନ ମାଲିକଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ
- ଜଙ୍ଗଲ ଜମିରେ ଲାଗୁ ହୋଇଥିଲା ୧୪୪ ଧାରା
- ଯାଜପୁର ରୋଡ୍ ଏସ୍‌ଡିପିଓଙ୍କ ତଦନ୍ତ ଆରମ୍ଭ

ଯାଜପୁର/ଧର୍ମଶାଳା,୧୨।୮ (ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)


ଦୁର୍ଘଟଣାସ୍ଥଳରେ ବାଘୁଆ-୨ ନମ୍ବର ଜଙ୍ଗଲ କିସମ ଜମିରେ ଥିବା ପାହାଡ଼ ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଡାଳିଯୋଡ଼ା ବନାଞ୍ଚଳ ଅଧୀନ ମୌଳାଭଞ୍ଜା ବାଘୁଆ-୨ ନମ୍ବର ଜଙ୍ଗଲ କିସମ ଜମିରେ ଥିବା ବେଆଇନ ପଥର ଖାଦାନରେ ପୁଣି ଜଣେ ଶ୍ରମିକଙ୍କ ମୁଣ୍ଡ ଗଡ଼ିଛି। ମୃତ ଶ୍ରମିକ ଜଣକ ହେଲେ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ସନାତନ ଦଳେଇ(୫୫)। ଜଙ୍ଗଲ ଜମି ଏବଂ ବେଆଇନ ଖାଦାନରେ ଏଭଳି ଘଟଣା ଘଟିଥିବାରୁ ଘଟଣାକୁ ଚପେଇ ଦେବା ପାଇଁ ବିଭିନ୍ନ ଆଳ କରାଯାଉଛି। ସୂଚନା ମୁତାବକ ସନାତନ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦ୍ୱାରା ପରିଚାଳିତ ଏକ ବେଆଇନ ଖାଦାନରେ ଶ୍ରମିକ ଭାବେ କାମ କରନ୍ତି। ପ୍ରତିଦିନ ଭଳି ଶନିବାର ସକାଳୁ ସେ କାମ କରିବାକୁ ଖାଦାନକୁ ଯାଇଥିଲେ। କାମ କରୁଥିବା ସମୟରେ ପୂର୍ବାହ୍ନ ପ୍ରାୟ ୧୧ ଟା ୪୫ ମିନିଟ ସମୟରେ ସନାତନ କୌଣସି କାରଣରୁ ପାହାଡ଼ ଉପରୁ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଜେନାପୁର ଥାନାରେ ତାଙ୍କ ସ୍ତ୍ରୀ ଜେମା ଦଳେଇଙ୍କ ଅଭିଯୋଗ ଅନୁସାରେ ସନାତନ ଛେଳି ଚରାଇବାକୁ ପାହାଡ଼କୁ ଯାଇଥିଲେ। କୌଣସି କାରଣରୁ ସେ ପାହାଡ଼ରୁ ଗଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ସନାତନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜେନାପୁର ଥାନାରେ ୨୦/୨୦୨୩ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ଯାଜପୁରରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଜେନାପୁର ଥାନା ଏସଆଇ ସୌମ୍ୟରଞ୍ଜନ ଭୋଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ସଞ୍ଜୟ କୁମାର କହିଛନ୍ତି, ତାଙ୍କ ସ୍ତ୍ରୀଙ୍କ ଲିଖିତ ଅଭିଯୋଗ ଅନୁସାରେ ମାମଲା ରୁଜୁ ହୋଇଛି। ଏହାବାଦ୍ ତଦନ୍ତ ଚାଲିଛି ଏବଂ ସେହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ଏହି ପାହାଡ଼ ଜଙ୍ଗଲ କିସମ ହୋଇଥିବା ବେଳେ ଏଠାରେ ବନ ବିଭାଗ ପକ୍ଷରୁ ପ୍ରାୟ ୧ ବର୍ଷ ହେବ ୧୪୪ ଧାରା ଲାଗୁ କରାଯାଇଥିଲା। ହେଲେ ତାହା ଲୋକ ଦେଖାଣିଆ ହୋଇଥିବାରୁ ଜଙ୍ଗଲ ବିଭାଗ କର୍ମଚାରୀ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ କଳାପଥର ଖାଦାନ ଚାଲିଥିଲା ବୋଲି ଆଲୋଚନା ହେଉଛି।

ଜଙ୍ଗଲ ଜମି ଏବଂ ବେଆଇନ ଖାଦାନଗୁଡ଼ିକରେ ଗତ ୧୦ ବର୍ଷରେ ୨୫ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଯେଉଁ ଘଟଣା ଲୋକଲୋଚନକୁ ଆସୁଛି ତାହାର କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଅନେକ ଘଟଣାକୁ ଚାପି ଦିଆଯାଉଛି। ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅଞ୍ଚଳରେ ଥିବା ଛୋଟବଡ଼ ପ୍ରାୟ ୩୦୦ ବେଆଇନ ପଥର ଖାଦାନରେ ନିୟମିତ ଭାବେ ଦୁର୍ଘଟଣା ଘଟି ନିରୀହ ଶ୍ରମିକମାଙ୍କ ଜୀବନ ଯାଉଛି। ପ୍ରଶାସନିକ ଅଧିକାରୀ ବେଆଇନ ଖାଦାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଓଲଟି ପ୍ରଭାବଶାଳୀ ଲୋକଙ୍କ ବେଆଇନ କାର୍ଯ୍ୟ ପ୍ରତି ଆଖି ବନ୍ଦ କରି ସେଥିରେ ସହଯୋଗୀ ପାଲଟୁଛନ୍ତି। ବଳଙ୍ଗ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ଯାଜପୁର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ଦେଇଥିବା ରିପୋର୍ଟରେ ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବଜାରେ ରହିଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ବିଭାଗର କଟକ ଡିଭିଜନ ଡିଏଫ୍‌ଓଙ୍କୁ ଅନେକ ଥର ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଏଭଳି ବେଆଇନ ଖାଦାନ ଚାଲିଥିବାରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ହାତ ଲଗାଇ ପାରୁନାହାନ୍ତି ବୋଲି ମତପ୍ରକାଶ ପାଇଛି।

# ଶାଶୁଙ୍କୁ ଘୋଷାଡ଼ି ଘୋଷାଡ଼ି ପିଟିଲେ ବୋହୂ

**ପୋଲିସ ହାତରେ ଭାଇରାଲ୍ ଭିଡିଓ, ତଦନ୍ତ ଜାରି**

କେନ୍ଦ୍ରାପଡ଼ା,୧୨।୮ (ଜଗନ୍ନାଥ ଧଳ)


ଶାଶୁଙ୍କୁ ବୋହୂ ମାଡ଼ ମାରୁଛନ୍ତି ।

ଜଣେ ମହିଳା ନିଜର ହିତାହିତ ଜ୍ଞାନ ଭୁଲି ନିଜ ଶାଶୁଙ୍କୁ ପିଟିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହାର ଭିଡ଼ିଓ ବି ଭାଇରାଲ ହେବାରେ ଲାଗିଛି । ଏହି ଭିଡ଼ିଓରେ ସମ୍ପୃକ୍ତା ମହିଳା ନିଜ ଶାଶୁଙ୍କୁ ଘୋଷାଡ଼ି ଘୋଷାଡ଼ି ରାସ୍ତାରେ ନିର୍ଦ୍ଧୁମ ପିଟୁଛନ୍ତି । ମାନବିକତାର ସୀମା ଡେଇଁ ବୁଢ଼ୀ ଶାଶୁଙ୍କୁ ବିଧା ଚାପୁଡ଼ା ମାରି ଚାଲିଛନ୍ତି । ଏହି ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଅଳପୁଆ ପଞ୍ଚାୟତ ଦାମୋଦର ପାଟଣା ଗ୍ରାମରେ ଘଟିଛି ।

ଭିଡ଼ିଓ ଅନୁଯାୟୀ, ବୋହୂ ପ୍ରଥମେ ଶାଶୁ ନାକ ପାଖରେ ଅଙ୍ଗୁଳି ଦେଖାଇ କଥା ହେଉ ହେଉ ତାଙ୍କୁ ଠେଲି ଦେଇଥିଲେ। ଏହାପରେ ଶାଶୁଙ୍କୁ ଚାପୁଡ଼ା ପରେ ଚାପୁଡ଼ା ବିଧା ମାରି ଚାଲିଥିଲେ। ସ୍ଥାନୀୟ କେତେଜଣ ଲୋକ ଏହି ଘଟଣାକୁ ଦେଖୁଥିଲେ ମଧ୍ୟ କେହି ବି ବୋହୂଙ୍କୁ ରୋକିବାକୁ ସାହାସ କରୁ ନ ଥିଲେ। ଏମିତି କିଛି ସମୟ ଚାଲିବା ପରେ ଜଣେ ବ୍ୟକ୍ତି ସେଠାକୁ ଆସି ଶାଶୁଙ୍କୁ ବଞ୍ଚାଇ ଥିଲେ। ସେଠାରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତି ଏସବୁ ଦୃଶ୍ୟକୁ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ଛାଡ଼ି ଦେବା ପରେ ତାହା ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ଗ୍ରାମର ଉର୍ମିଳା ଦାସଙ୍କ ବୟସ ୭୦ ଟପିଛି । ସ୍ୱାମୀ ରାମ ଦାସଙ୍କ ଆଜିକୁ ପ୍ରାୟ ୪ ବର୍ଷ ତଳେ ପରଲୋକ ହୋଇଯାଇଛି । ଉର୍ମିଳାଙ୍କ ଆଉ ୨ ପୁଅ ଅଛନ୍ତି । ଜଣେ ବାହାର ରାଜ୍ୟରେ କାମ କରୁଥିବା ବେଳେ ଆଉ ଜଣେ ଗ୍ରାମରେ ରହୁଛନ୍ତି । ରାମ ଦାସ କଲିକତାରେ ଚାକିରି କରୁଥିବା ବେଳେ ପ୍ରଦୀପ ଦାସଙ୍କୁ ପାଳିତ ପୁତ୍ର ଭାବେ ଗ୍ରହଣ କରିଥିଲେ । ତାଙ୍କୁ ବଡକରି ବାହାସାହା କରିଥିଲେ । ପ୍ରଦୀପ ଏବେ ବିଦେଶରେ ଚାକିରୀ କରୁଛନ୍ତି । ମାତ୍ର ବିଧବା ମା'ଙ୍କ ଠାରୁ ପ୍ରଦୀନଙ୍କ ସ୍ତ୍ରୀ ଅଲଗା ହୋଇ ରହୁଛନ୍ତି । ପାଳିତ ପୁଅର ବୋହୂଙ୍କ ଅତ୍ୟାଚାର ମୋ ପାଇଁ ଅସହ୍ୟ ହେଉଥିବା ବୃଦ୍ଧା ଅଭିଯୋଗ କରିଛନ୍ତି। ଏପରି ଅତ୍ୟାଚାର ବାରମ୍ବାର ଘଟୁଛି । ଏନେଇ ଉର୍ମିଳା ସରପଞ୍ଚଙ୍କ ନିକଟରେ ଗୁହାରି କରିଥିଲେ । ମାତ୍ର ବୋହୂର ନିର୍ଯାତନା ସୀମା ଟପିବା ପରେ ଉର୍ମିଳା ନ୍ୟାୟ ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପରିଣତ ବୟସରେ ଅସହାୟ ଶାଶୁଙ୍କ ଉପରେ ବୋହୂଙ୍କ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି ବୋଲି ସରପଞ୍ଚ ପଦ୍ମିନୀ ବେହେରା କହିଛନ୍ତି । ପଟ୍ଟାମୁଣ୍ଡାଇ ଆର୍ଦଶ ଥାନା ଆଇଆଇସି ରଞ୍ଜିତା ମହାନ୍ତି ଏହି ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚଉଦକୁଲାଟ ଫାଣ୍ଡି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଶାଳା,୧୨।୮ (ବଟକୃଷ୍ଣ ପରିଡ଼ା):

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ଧର୍ମଶାଳା ଥନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ରଥିଆ ଛକ ନିକଟରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜାରକା ବିଟ ହାଉସ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ଯାଜପୁର ସଦରଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ଦୁର୍ଯ୍ୟୋଧନ ନୟକଙ୍କ ପୁଅ ସ୍ୱୟଂ ନାୟକ ଓଡି-୦୪-କ୍ୟୁ-୯୮୫୧ ବାଇକରେ କୁଆଖିଆ ଥାନା ଅନ୍ତର୍ଗତ ହରିପୁର ନିକଟସ୍ଥ ବେଣିପୁର ଗ୍ରାମର ବାସୁଦେବ ସାମଲଙ୍କ ପୁଅ ନିର୍ମଳ ସାମଲ(୩୩)ଙ୍କୁ ନେଇ କୌଣସି କାମରେ ଚଣ୍ଡିଖୋଲ ଯାଇ ଘରକୁ ଫେରୁଥିଲେ। ରଥିଆଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନିର୍ମଳଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱୟଂ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗୁ ଗୁରୁତରଙ୍କୁ ଧର୍ମଶାଳା ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଚଳାଇଛି।


ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ଅଭିଯୁକ୍ତ ବୃଦ୍ଧ ଥାନାରେ ଅଟକ**

ପାରାଦୀପ,୧୨।୮ (ଶରତ ରାଉତ)

ପାରାଦୀପ ଜଟାଧାରମୁହାଣ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶନିବାର ସନ୍ଧ୍ୟାରେ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ନାବାଳିକାଙ୍କ ମା' ରାତି ୧୦ଟାରେ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଉକ୍ତ ଅଞ୍ଚଳର ଜଣେ ବୃଦ୍ଧଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ଥାନାଧିକାରୀ ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ନାବାଳିକା ଜଣକ ଘର ପାଖରେ ଖେଳୁଥିବାବେଳେ ସମ୍ପୃକ୍ତ ବୃଦ୍ଧ ତାଙ୍କୁ ଗେଲ କରିବା ବାହାନାରେ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏହାକୁ ସେଠାକାର ଜଣେ ମହିଳା ଦେଖି ପାଟି କରିବାରୁ ଘଟଣା ପ୍ରଘଟ ହୋଇଥିଲା। ରିପୋର୍ଟ ଲେଖା ହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ପ୍ରତିଭା ବିକଶିତ କରିବା ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେଉ: ମନ୍ତ୍ରୀ

ଚଣ୍ଡିଖୋଲ,୧୨।୮ (ପ୍ରଦୀପ୍ତ କୁମାର ପୃଷ୍ଟି):


ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ଅନ୍ୟ ଅତିଥିମାନେ କଲେଜର ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଛାତ୍ରୀଛାତ୍ର ହେଉଛନ୍ତି ଆମର ଭବିଷ୍ୟତ। ସେମାନେ ଯଦି ଅଧିକ ପରିଶ୍ରମ କରିବେ କେବଳ ପରିବାର ନୁହେଁ, ମହାବିଦ୍ୟାଳୟର ଟେକ ରଖିପାରିବେ। ଆଜିର ଯୁବପିଢ଼ି ଚାକିରି ପଛରେ ଗୋଡ଼ାଇବା ଉଚିତ୍ ନୁହେଁ। କିଭଳି ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ପ୍ରଚେଷ୍ଟା ରହିବା ଜରୁରୀ। ସେମାନଙ୍କ ଭିତରେ ବହୁ ଲୁକ୍କାୟିତ ପ୍ରତିଭା ଅଛି। ତେଣୁ ଏହାକୁ ବିକଶିତ କରିବା ଛାତ୍ରୀଛାତ୍ରୀଙ୍କ ଧ୍ୟେୟ ହେବା ଉଚିତ। ଶନିବାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏକଥା କହିଛନ୍ତି।

ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୌଗୋଳିକ ଦୃଷ୍ଟିକୋଣରୁ ଚଣ୍ଡିଖୋଲ ଭବିଷ୍ୟତରେ ଶିକ୍ଷା ହବ ଭାବେ ପରିଗଣିତ ହେବ ବୋଲି କହିଥିଲେ।

ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରାଧ୍ୟାପକ ଡ. ଅଶୋକ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷା ସହିତ ବୈଷୟିକ ଶିକ୍ଷାକୁ ଉପଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ରସଂଘ ସଭାପତି ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ। ଉତ୍ସବରେ ବଡ଼ଚଣା ଅଞ୍ଚଳର ଓଡ଼ିଶା ପ୍ରଶାସନିକ ସେବା ନିମନ୍ତେ ଯୋଗ୍ୟ ବିବେଚିତ ତପନ ତରାଇ ଓ ମାନସ ସେଠ୍‌ଙ୍କ ସମେତ ଓଡିଶା ନ୍ୟାୟିକ ସେବା ନିମନ୍ତେ ଯୋଗ୍ୟତା ହାସଲ କରିଥିବା ଅନିମେଶ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡ଼ିଆ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ରୀ କ୍ରିଷ୍ଣା ସାହାଣୀଙ୍କୁ କଲେଜର ପ୍ରାକ୍ତନ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ସ୍ୱର୍ଗତ ଧରଣୀଧର ନାୟକଙ୍କ ସ୍ମୃତି କମିଟି ତରଫରୁ ଡ. ବିଦ୍ୟୁତ୍‌ଲତା ନାୟକ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଉପଶିକ୍ଷା ନିର୍ଦ୍ଦେଶକ ଉଦୟନାଥ ମହାନ୍ତି ସ୍ମାରକୀ ପକ୍ଷରୁ କଲେଜର ଯୁକ୍ତ ୨ ବାଣିଜ୍ୟ ଛାତ୍ରୀ ଧରିତ୍ରୀ ସାହୁ ଓ ଯୁକ୍ତ ୩ ବିଜ୍ଞାନ ଛାତ୍ରୀ ରୋନାଲୀ ପଣ୍ଡାଙ୍କୁ ଯଥାକ୍ରମେ ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ଯୁକ୍ତ ୨ କଳାରେ ସୁସ୍ମିତା ଭୂୟାଁ, ଯୁକ୍ତ ୨ ବିଜ୍ଞାନର ଦାମୋଦର ସାହୁ, ଯୁକ୍ତ ୩ କଳାରେ ସଙ୍ଗୀତା ସାମଲ ଓ ଯୁକ୍ତ ୩ ବାଣିଜ୍ୟରେ ସକିନା ପ୍ରବୀନଙ୍କୁ ସଂଘର ପ୍ରାକ୍ତନ କୋଷାଧ୍ୟକ୍ଷ ନିରଞ୍ଜନ ଗୋଛାୟତ ସ୍ମାରକୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲ୍ଲୀଠାରେ ସାଧାରଣତନ୍ତ୍ର ପ୍ୟାରେଡରେ ଭାଗନେଇଥିବା କଲେଜ କ୍ୟାଡେଟ ତପସ୍ୱିନୀ ମହାନ୍ତି ଓ ଶ୍ୟାମସୁନ୍ଦର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଘ ଉପସଭାପତି ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ସଂଚାଳନ କରିବା ସହିତ ଧନ୍ୟବାଦ ଦେଇଥିଲେ। ଦୋଳଗୋବିନ୍ଦ ପ୍ରତାପଙ୍କ ସମ୍ପାଦନାରେ ପ୍ରକାଶିତ କଲେଜ କ୍ୟାଲେଣ୍ଡର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୀତା


@ ବଳରାମ ବେହେରା


@ ପ୍ରଜ୍ଞାପରମିତା


@ ରାଜେଶ


@ ସାଇ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମୁଦ୍ର ଲହଡ଼ିରେ ଡଙ୍ଗା ଫାଟିଲା, ୪ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,୧୨।୮ (ଶରତ ରାଉତ)

**ଚୋରା ତେଲ କାରବାରବେଳେ ଅଘଟଣ ଚର୍ଚ୍ଚା**

ପାରାଦୀପ ବତୀଘର ନିକଟ ସମୁଦ୍ରରେ ଶନିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ସମୁଦ୍ର ଢେଉ ପ୍ରଭାବରେ ଏକ ମାଛଧରା ଡଙ୍ଗା ଫାଟିଯାଇଛି। ସେଥିରେ ଥିବା ୪ ମତ୍ସ୍ୟଜୀବୀ ପାଣିରେ ଭାସୁଥିବା ବେଳେ ଆଉ ଏକ ମାଛଧରା ଡଙ୍ଗା ସେମାନଙ୍କୁ ଉଦ୍ଧାର କରିଛି। ଉକ୍ତ ଡଙ୍ଗା ମାଛ ଧରିବା ପାଇଁ ସମୁଦ୍ରକୁ ଯାଇ ନ ଥିଲା ବୋଲି ଷଣ୍ଢକୁଦର ମତ୍ସ୍ୟଜୀବୀ କେ.କ୍ରିଷ୍ଣା କହିଛନ୍ତି। ଚୋରା ତେଲ କାରବାରବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଏହି କାରବାରରେ ସମ୍ପୃକ୍ତ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟଙ୍କ ଡଙ୍ଗା ନେଇ ତେଲ ସଂଗ୍ରହ କରିବା ବେଳେ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଖବରପାଇ ମେରାଇନ ଥାନା ଆଇଆଇସି ସବ୍ୟସାଚୀ ରାଉତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର ମତ୍ସ୍ୟଜୀବୀମାନେ ମାଛଧରା ବନ୍ଦର ପରିସରରେ ପହଞ୍ଚିବା ପରେ ତତ୍କାଳ ଫେରାର ହୋଇଯାଇଛନ୍ତି ବୋଲି ଆଇଆଇସି ରାଉତ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଏସ୍‌ପିଏମ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ)ପାଖକୁ ଯାତାୟାତ ପାଇଁ ଏକାଧିକ ବୋଓ୍ ଠିକାରେ ଯାଇଥାନ୍ତି। ଏଥିସହ ଆଙ୍କରେଜ ଅଞ୍ଚଳରେ ରହୁଥିବା ଜାହାଜ ପାଖକୁ ଯାଇ ବିଭିନ୍ନ ସେବା ଯୋଗାଇବା ନାଁରେ ଚୋରାରେ ତେଲ ଓ ଅନ୍ୟ ସାମଗ୍ରୀ ସଂଗ୍ରହ କରି ତାକୁ ବଜାରରେ ବିକ୍ରି କରିଥାନ୍ତି। ଏଭଳି କାରବାର ପଛରେ କେତେଜଣ ମୁଷ୍ଟିମେୟ ଲୋକଙ୍କ ହାତ ଥିବା ଶୁଣିବାକୁ ମିଳୁଛି।

# ମିଳିମିଶି ଚାଲିଛି ଖଣି ଲୁଟ୍

ନୟାଗଡ଼ ଅଫିସ,୧୨।୮ (ଲୋକନାଥ ମିଶ୍ର)

କୋମଣ୍ଡରେ ଖଣିଚୋର ଏକାଠି ହୋଇ ରାଜ୍ କରୁଛନ୍ତି । ରାତିରେ ପ୍ରାୟ ୮ ଘଣ୍ଟା କାମ କରି ଖଣିଚୋରମାନେ ମାସକରେ ୧କୋଟି ଟଙ୍କା ରୋଜଗାର କରି ପାରୁଛନ୍ତି ବୋଲି ଅଭିଯୋଗ ହୋଇଛି । ସରକାରଙ୍କୁ ରାଜସ୍ୱ ଦେଉ ନ ଥିଲେ ମଧ୍ୟ ଏମାନଙ୍କ ଖଣି ଉପରେ ଚଢ଼ାଉ, ଧରପଗଡ଼ ନ ହେବା ପ୍ରଶାସନର ସ୍ୱଚ୍ଛତାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଖଣିଚୋରମାନେ ନିଜର ବେଆଇନ ସାମ୍ରାଜ୍ୟକୁ ବଢ଼ାଇ ଚାଲିଛନ୍ତି ।

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନରେ କୋମଣ୍ଡରେ ଚାଲିଛି ୧୫ରୁ ଊର୍ଦ୍ଧ୍ୱ ଖଣି । ୩ମାସ ହେଲା ବେଆଇନ ଭାବେ ମାଙ୍କଡା ପଥର ଖଣି ଓ ମୋରମ ଖଣି ଖନନ ଅବାଧରେ ଚାଲିଛି। ବେଆଇନ ଖଣି ଖନନ ଘଟଣାରେ ଗତ ଜାନୁୟାରୀ ୩ରେ କୋମଣ୍ଡ ତତ୍କାଳୀନ କୋମଣ୍ଡ ଆରଆଇ ସୁଧିର କୁମାର ପରିଡ଼ ନିଲମ୍ବିତ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି ହୋଇଥିଲେ । ଆରଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ଏଠାରେ କିଛି ଫରକ ପଡିନି। ବେଆଇନ ପଥର ଖଣି ଖନନକୁ ରୋକାଯାଉ ନ ଥିବାରୁ ସରକାର ରାଜସ୍ୱ ହରାଇ ଚାଲିଛନ୍ତି ।

ପ୍ରକାଶ ଯେ, କୋମଣ୍ଡ ମାଙ୍କଡା ପଥର ଓ ମୋରମ ଖଣି ବେଆଇନ ଭାବେ ଚାଲିଥିଲା । ବାରମ୍ବାର ଅଭିଯୋଗ ପରେ କିଛି ଫରକ ପଡୁ ନ ଥିଲା ।



କୋମଣ୍ଡ ଖଣି ଅଞ୍ଚଳ ।

- ମାସକୁ ୧କୋଟି ଟଙ୍କା ରୋଜଗାର ଦେଉଛି ପଥର ଖଣି
- ବେଆଇନ ଖଣି ୩ ମାସ ହେଲା ଚାଲିଥିଲେ ମଧ ନାହିଁ ଧରପଗଡ଼
- ରାତିରେ ୧୫ ଖଣିରେ ୮ ଘଣ୍ଟା ହେଉଛି ଖଣି ଖନନ
- ଆର୍‌ଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପରେ ଚେତା ପଶୁନି

ତେବେ ଗତ ଡିସେମ୍ବର ଓ ଜାନୁୟାରୀରେ ଗଣମାଧମରେ ବାରମ୍ବାର ଖବର ପ୍ରକାଶନ ପରେ ନୟାଗଡ଼ ଜିଲାପାଳ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଅନିୟମିତତା ସାମ୍ନାକୁ ଆସିଥିଲା । ଗତ ଜାନୁୟାରୀ ୩ରେ ଜିଲାପାଳ ଆରଆଇଙ୍କୁ ନିଲମ୍ବିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଭିତ୍ତି କରି ଜିଲାପାଳ ତହସିଲଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବଗତ କରାଇଥିଲେ । କିଛି ଦିନ ପରେ ଓଡ଼ଗାଁର ତତ୍କାଳୀନ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି ହୋଇଥିଲେ । ତେବେ ତହସିଲଦାରଙ୍କୁ କେବଳ ବଦଳି କରିଦେବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେ ସମୟରେ ବେଆଇନ ଖଣିକୁ ଚଳାଇବା ପାଇଁ ତହସିଲଦାର, ଆରଆଇ, ରାଜନେତା, ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି କେତେଜଣ ଗଣମାଧ୍ୟମ ପ୍ରତିନିଧି ଲାଞ୍ଚ ନେଇଥିବାର ଅଭିଯୋଗ ଥିଲା । ପଥରଚୋରମାନେ ଜଣେ ଖବରଦାତାଙ୍କ ଜରିଆରେ ଲାଞ୍ଚ ଟଙ୍କା ଦେଉଥିବାର ଚର୍ଚ୍ଚା ହୋଇଥିଲା । ଏବେ ପୁଣି ଲାଞ୍ଚ କାରବାର ପୁରୁଣା ଢ଼ାଞ୍ଚାକୁ ଫେରିଛି ବୋଲି ଅଭିଯୋଗ ଉଠିଛି । ଏନେଇ ଜଣେ ପଥର ବ୍ୟବସାୟୀ କହିଛନ୍ତି, ଆରଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପରେ ଟେନଶନ ବଢ଼ି ଯାଇଥିଲା । କିଛି ଦିନ ଖଣି କାମ ବନ୍ଦ ରହିଥିଲା । ପରେ ଭାଇଙ୍କ ପ୍ରତ୍ୟକ୍ଷ ଆଶିର୍ବାଦ ମିଳିଲା । ଖଣିଖନନ ଦିନବେଳା ନୁହେଁ ରାତିରେ କରିବାକୁ ମୌଖିକ ନିର୍ଦ୍ଦେଶ ମିଳିଥିଲା। ଆମେ ଭାଇଙ୍କ କଥା ମାନି ୩ ମାସ ହେଲା ରାତିରେ ଖଣି ଖନନ କରୁଛୁ। ପ୍ରଶାସନିକସ୍ତରରେ ଓ ଗଣମାଧମର ସହଯୋଗ ମିଳୁଛି। ଆମକୁ ଯେପରି ସହଯୋଗ ମିଳୁଛି ଆମେ ସେପରି ସେମାନଙ୍କ କଥା ବୁଝିବାକୁ ପଡୁଛି । ଅନ୍ୟପକ୍ଷେ ଆମେ ସରକାରୀ ଜମିରେ ଖଣି ଖନନ କରୁନି । କିଛି ବ୍ୟକ୍ତିଗତ ଜମିରୁ ଖଣି ଖନନ କରୁଛୁ। ଏଣୁ ଆମକୁ ଅଯଥାରେ ହଇରାଣ କରନ୍ତୁ ନାହିଁ । ଆମେତ ପୁଣି ବଞ୍ଚିବୁ । ଏହି ଖଣିରୁ ପଥର ଚୋର, ଶ୍ରମିକ, ଅନେକ ଲୋକ ଉପକୃତ ହେଉଛନ୍ତି । ଦେଶରେ କେତେ କ'ଣ ହେଉଛି, ପଥର ଖଣି ଉପରୁ ନଜର ଛାଡିବାକୁ ଅନୁରୋଧ କରିଥିଲେ।

### ଶୀତଳଭଣ୍ଡାରରେ ଚଢ଼ାଉ

ଜିଲାପାଳ ରବୀନ୍ଦ୍ର ନାଥ ସାହୁ ୨୦୨୨ ବର୍ଷ ଶେଷ ଓ ୨୦୨୩ ପ୍ରାରମ୍ଭରେ ବେଆଇନ ଖଣି ଉପରେ ଚଢ଼ାଉ କୋକୁଆ ଭୟ ସୃଷ୍ଟି କରିଥଲେ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଖଣି ଉପରେ ଜିଲାପାଳଙ୍କ ପକ୍ଷରୁ ଆଉ ଚଢ଼ାଉ ନାହିଁ । ଜିଲାପାଳଙ୍କ ନୀରବତା ପରେ ପୁଣି ଖଣି ଚୋର ସକ୍ରିୟ ହୋଇ ଉଠିଛନ୍ତି । ଖଣିଚୋର ସକ୍ରିୟ ହୋଇଥିବାବେଳେ ଜିଲାପାଳଙ୍କ ଚଢ଼ାଉ ନ କରିବା ଅନେକ ପ୍ରଶ୍ନ ଉଠାଉଛି । ଜିଲାପାଳ କ'ଣ ଚାପରେ ଚାପି ହୋଇଗଲେ କି ବୋଲି ଚର୍ଚ୍ଚା ହୋଉଛି । ପୁଣି ଥରେ ଜିଲାପାଳ ଖଣି ଉପରେ ଚଢ଼ାଉ କରି ଖଣିଚୋରଙ୍କୁ ସାବାଡ୍ କରିବାକୁ ସାଧାରଣରେ ଦାବି ଉଠିଲାଣି । ଏନେଇ ଓଡ଼ଗାଁ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ କୁହନ୍ତି, କୋମଣ୍ଡ ଅଞ୍ଚଳରେ ବେଆଇନ ଖଣିଖନନ ଚାଲୁଥିବାର ଅଭିଯୋଗ ମିଳି ନାହିଁ । ତେବେ ବେଆଇନ ଖଣି ଖନନ ନେଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।

## ଜନପ୍ରତିନିଧି, ପୋଲିସ ମଧ୍ୟରେ ଆଲୋଚନା

ଭାପୁର,୧୨।୮ (ଭରତ କୁମାର ହେରା)

ନୟାଗଡ଼ ଜିଲା ଫତେଗଡ ଥାନା ପକ୍ଷରୁ ଅଞ୍ଚଳକୁ ଅପରାଧମୁକ୍ତ କରିବା ପାଇଁ ଜନପ୍ରତିନିଧି ଓ ପୋଲିସ ମଧ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଫତେଗଡ ଥାନାରେ ନୂଆକରି ଯୋଗ ଦେଇଥିବା ଆଇଆଇସି ସୁଜିତ୍ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧିମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହାର ସମାଧାନ ଦିଗରେ ପୋଲିସର ସହାୟତା ପାଇଁ ଆଗ୍ରହ କରିଥିଲେ। ଏଥିରେ ଆଇଆଇସି ଦାସ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ରାଜନୈତିକ ସ୍ୱାର୍ଥ ଛାଡ଼ି ଜନତାଙ୍କ ଉନ୍ନତି ନିମନ୍ତେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ତଦନ୍ତ ସମୟରେ ପୋଲିସକୁ ସବୁ ପ୍ରକାର ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ଏସ୍‌ଡିପିଓ ମଲ୍ଲିକ ଲୋକମାନଙ୍କୁ ବେଆଇନ ରାସ୍ତାରୋକୋ ନ କରିବାକୁ, ପୋଲିସକୁ ନିଜର ବନ୍ଧୁ ପରି ମନେ କରିବାକୁ ତଥା ଅଞ୍ଚଳରେ ଘଟୁଥିବା ଅପରାଧ, ବେଆଇନ ନିଶା କାରବାର ରୋକିବାକୁ ସ୍ଥାନୀୟ ପୋଲିସକୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାକାର୍ଯ୍ୟକୁ ସବ୍ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ପ୍ରାୟ ୫୦ ଜଣ ଆଞ୍ଚଳିକ ଜନପ୍ରତିନିଧି ଯୋଗଦାନ କରିଥିଲେ। ଫତେଗଡ ଥାନା ପକ୍ଷରୁ ଏମଡି ଜାଫରୁଲ୍ଲା, ଅରୁପ ନାୟକ, ସୁଚିସ୍ମିତା ଜେନା, ପ୍ରତାପ ପାହାଡସିଂ, ଭାବଗ୍ରାହୀ ମଲ୍ଲିକ, ଅକ୍ଷୟ ଗୁମାନସିଂହ, ଗୁରୁଚରଣ ନାୟକ ସହଯୋଗ କରିଥିଲେ। ଫତେଗଡ ଥାନା ତଥା ନୂଆ ଭାରପ୍ରାପ୍ତ ଅଧିକାରୀଙ୍କର ଏପରି ଉଦ୍ୟମ ଅଞ୍ଚଳରେ ସର୍ବପ୍ରଥମ ହୋଇଥିବାରୁ ଏହାକୁ ସର୍ବସାଧାରଣରେ ପ୍ରଶଂସା କରାଯାଇଛି।

## ୫୧ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ

ଓଡ଼ଗାଁ,୧୨।୮
(ଆଦର୍ଶ କୁମାର ପଟ୍ଟନାୟକ)

ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଶନିବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରେ ବିଭିନ୍ନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୟାଗଡ଼ ବିଧାନ ମଣ୍ଡଳର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ୨୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ୫୧ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଯେଉଁଥିରୁ ହିତାଧିକାରୀମାନେ ୨୩ ଲକ୍ଷ ଟଙ୍କାର ରିହାତି ପାଇବେ। ୫ଶହ ବଏଲର କ୍ଷମତା ବିଶିଷ୍ଟ ପୂର୍ଣ୍ଣାଙ୍ଗ କ୍ଷୁଦ୍ର ବଏଲର ପ୍ରଜନନ କେନ୍ଦ୍ର ପାଇଁ ପ୍ରତ୍ୟେକଙ୍କୁ ୧ଲକ୍ଷ ୮୨ହଜାର ଟଙ୍କା ଲେଖାଏଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ସେଥିରୁ ପ୍ରତ୍ୟେକେ ୭୨ ହଜାର ଟଙ୍କାର ସବ୍‌ସିଡି ପାଇବାର ବ୍ୟବସ୍ଥା ରହିଛି । ସେହିପରି ୧ ହଜାର କ୍ଷମତା ବିଶିଷ୍ଟ ବତକ ପାଳନ ପାଇଁ ୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶରେ ୧ଲକ୍ଷ ୫୦ ହଜାର ଟଙ୍କାର ସବ୍‌ସିଡି ରହିଛି । ୧୦ ଫିମେଲ ସହିତ ୧ ମେଲ ଘୁଷୁରୀ ନିମନ୍ତେ ୨ଲକ୍ଷ ଟଙ୍କାର କାର୍ଯ୍ୟାଦେଶରେ ୧ଲକ୍ଷ ଟଙ୍କାର ସବ୍‌ସିଡି ରହିଛି । ଅଣ୍ଡାଦିଆ କୁକୁଡ଼ା ଚାଷ ପାଇଁ ୮ଲକ୍ଷ ଟଙ୍କାରେ ୩ଲକ୍ଷ ୩୬ ହଜାର ଟଙ୍କାର ସବ୍‌ସିଡି ଥିବା ବେଳେ କାର୍ଯ୍ୟାଦେଶ ରୋହିବାଙ୍କ ଉପେନ୍ଦ୍ର ନାଥ ଦାସଙ୍କୁ ଦିଆଯାଇଛି । ୧୦ ଫିମେଲ ସହିତ ୧ ମେଲ ଛେଳି ପାଳନ ପାଇଁ ମଶାବାରୀ ହେମନ୍ତ କୁମାର ବେହେରା, କଇଠପଲ୍ଲୀ ଦୁର୍ଯ୍ୟୋଧନ ପାତ୍ର ଏବଂ କୁରାଡିଘଷାର କନକ ନାଏକ ପ୍ରତ୍ୟେକେ ୧ଲକ୍ଷ ୨୦ ହଜାର ଟଙ୍କା ଲେଖାଏଁ କାର୍ଯ୍ୟାଦେଶ ପାଇଥିବା ବେଳେ ୬୦ ହଜାର ଟଙ୍କା ଲେଖାଏଁ ସବ୍‌ସିଡି ରହିଛି। ସେହିପରି ଗିରିଡିପଲ୍ଲୀ ପଞ୍ଚାୟତ ତଣ୍ଡିଭୁଷାପଲ୍ଲୀର ଜଲିମା କୁମାରୀ ବେହେରାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା ବେଳେ ସେଥିରେ ୧ ଲକ୍ଷ ୧୮ ହଜାର ଟଙ୍କା ସବ୍‌ସିଡି ରହିଛି। ବଣ୍ଟନ ବେଳେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡ଼ିଓ ସନ୍ତୋଷ କୁମାର ଜେନାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।




ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

## ବିଶ୍ୱ ହସ୍ତୀ ଦିବସ ପାଳିତ

ଗଣିଆ,୧୨।୮ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ଶନିବାର ମୁଦୁଲିଗାଡିଆ ଗ୍ରାମରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି । ଜଙ୍ଗଲ କ୍ଷୟ, ବେଆଇନ ବ୍ଲାଷ୍ଟିଂ, ଦ୍ରୁତ ଶିଳ୍ପାୟନ, ଶୀକାରିଙ୍କ ପ୍ରାଦୁର୍ଭାବ ଯୋଗୁ ଦିନକୁ ଦିନ ହାତୀ ବଂଶ ଲୋପ ପାଇବାକୁ ବସିଲାଣି । ସେହିପରି ଖାଦ୍ୟାଭାବ ଯୋଗୁ ହାତୀ ଏବେ ଜନବସତି ମୁହାଁ ହେଉଛି । ବିଶେଷକରି ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ବନପାଳ ସଞ୍ଜୟ ରାଉତ, ଶ୍ରୀନିବାସ କହଁର, ଲୋକନାଥ ସେଠୀ, ଦେବାଶିଷ ବେହେରା, ପ୍ରତାପ ସେଠୀ, ବନକର୍ମଚାରୀଙ୍କ ସମେତ ମୁଦୁଲିଗାଡିଆ ଗ୍ରାମବାସୀ ଓ ସାତକୋସିଆ ସ୍ୟାଣ୍ଡ ରିସୋର୍ଟର ପରିଚାଳନା କମିଟି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୀତା



@ ବଳରାମ ବେହେରା



@ ପ୍ରଜ୍ଞାପରମିତା



@ ରାଜେଶ



@ ସାଇ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶୌଚ ପାଇଁ ପର୍ଯ୍ୟଟକଙ୍କ ସ୍କୁଲରେ ଅବାଧ ପ୍ରବେଶ

ଖଣ୍ଡପଡା,୧୨।୮
(ଅଜୟ କୁମାର ମହାରଣା)

- ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ
- ବାରଣ କରିବା ସତ୍ତ୍ୱେ ମାନୁନାହାନ୍ତି ପର୍ଯ୍ୟଟକ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ପରିସରରେ ଥିବା ଶୌଚାଳୟକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ ପର୍ଯ୍ୟଟକମାନେ ଅବାଧରେ ପ୍ରବେଶ କରି ବ୍ୟବହାର କରୁଛନ୍ତି। ଫଳରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ଜଣାପଡିଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ କଣ୍ଟିଲୋ ଶ୍ରୀନୀଳମାଧବ ପୀଠକୁ ରାଜ୍ୟ ତଥା ବାହାରୁ ପ୍ରତ୍ୟେହ ଶତାଧିକ ପର୍ଯ୍ୟଟକ ବିଭିନ୍ନ ଯାନବାହନରେ ଶ୍ରୀଜୀଉଙ୍କ ଦର୍ଶନରେ ଆସିଥାନ୍ତି। ସମ୍ପୃକ୍ତ ଯାନବାହନଗୁଡିକ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ, ଫାଣ୍ଡି ନିକଟ ଉକ୍ତ ଶିକ୍ଷାନୁଷ୍ଠାନକୁ ଲାଗି ରହିଥିବା ମାଘମେଳା ପଡ଼ିଆରେ ପାର୍କିଂ କରିଥାନ୍ତି। ବିଭିନ୍ନ ସମୟରେ ଆସୁଥିବା ପର୍ଯ୍ୟଟକମାନେ ଗାଡ଼ିରୁ ଓହ୍ଲାଇ ନିକଟରେ କୌଣସି ସୁଲଭ ଶୌଚାଳୟ ନ ଥିବାରୁ ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଥିବା ବିଦ୍ୟାଳୟର ପଶ୍ଚିମ ପାର୍ଶ୍ୱ ଫାଟକ ମଧ ଦେଇ ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥାନ୍ତି। ପରେ ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟକୁ କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ ବାଧ ବାଧକତାରେ ସ୍ନାନ ଶୌଚାଦି କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ସୂଚନା ଯୋଗ, ଉକ୍ତ ପଶ୍ଚିମ ପାର୍ଶ୍ୱ ଗେଟକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାର୍ଥୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ପୂର୍ବରୁ ବନ୍ଦ କରି ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱ ମୁଖ୍ୟ ଗେଟରେ ପ୍ରବେଶ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରିଥିଲେ। ମାତ୍ର ଅନେକ ଅଭିଭାବକ ନିଜର ପିଲାମାନେ ମୁଖ୍ୟ ରାସ୍ତାରେ ପ୍ରତ୍ୟେହ ଯାତାୟାତ କରୁଥିବା ଶତାଧିକ ଭାରିଯାନ ବାହନ ଯୋଗୁ ବିପଦ ସୃଷ୍ଟି ହେବାର ଆଶଙ୍କା ଦର୍ଶାଇ ମାଘମେଳା ପଡ଼ିଆ ପାଖ ଗେଟକୁ ଖୋଲିବାକୁ ବାରମ୍ବାର ଦାବି କରୁଥିଲେ।

ପରେ ଉକ୍ତ ପଶ୍ଚିମ ପାର୍ଶ୍ୱ ଗେଟକୁ ଖୋଲା ଯାଇଥିବା ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ପ୍ରକାଶ କରିଛନ୍ତି। ଯାହା ଫଳରେ ପର୍ଯ୍ୟଟକମାନଙ୍କ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ସହ ଅନେକ ସମୟରେ ଗୋରୁ ବିଦ୍ୟାଳୟ ପରିସରକୁ ଅବାଧରେ ପ୍ରବେଶ କରି ସମସ୍ୟା ମାନ ସୃଷ୍ଟି କରୁଥିବା ନାୟକ ସୂଚନା ଦେଇଥିଲେ। ତେବେ ଛାତ୍ରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଦ୍ୟାଳୟକୁ ପ୍ରବେଶ ଓ ବିଦ୍ୟାଳୟ ଛୁଟି ସମୟରେ ସୀମିତ ସମୟ ପାଇଁ ଗେଟକୁ ଖୋଲା କରାଯାଇ ପୁନର୍ବାର ବନ୍ଦ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି କରାଯାଉଛି।

## ତାଲିକାରେ ନାମ ଥାଇ ବି ମିଳୁନି ଆବାସ ଗୃହ

ଖଣ୍ଡପଡ଼ା,୧୨।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ପ୍ରତ୍ୟେହ ଅଭିଯୋଗପତ୍ର ପହଞ୍ଚିବାରେ ଲାଗିଛି । ବ୍ଲକ ପ୍ରଶାସନ ଅଭିଯୋଗଗୁଡିକ ପ୍ରତି ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା, ଆନ୍ଦୋଳନ ଚାଲୁଥିବା ବେଳେ ଖଣ୍ଡପଡ଼ା ବ୍ଲକର ଆଦିବାସୀ ଅଧ୍ୟୁଷିତ କିଆଝର ପଞ୍ଚାୟତ ଅଧୀନ ପଣସପଦର ଗ୍ରାମର ବିପ୍ର ନାଏକଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ତାଙ୍କ ନାମ ହିତାଧିକାରୀ ତାଲିକାର କ୍ରମିକ ସଂଖ୍ୟା-୮୧ରେ ଥିଲେ ମଧ ବ୍ଲକ ପ୍ରଶାସନ ସଂପୃକ୍ତ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ବିଭିନ୍ନ ଆଳ ଦର୍ଶାଇ ପ୍ରଦାନ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କର ପରିବାରବର୍ଗ ଏକ ଝାଟିମାଟି ନୂଆଣିଆ ଚାଳ ଛପର ଘରେ ସପରିବାର ସହ ବର୍ଷ ବର୍ଷ ଧରି ରହୁଛନ୍ତି। ଆବାସ ଯୋଜନାରେ ବାସଗୃହ ଖଣ୍ଡେ ପାଇବା ପାଇଁ ସେ ଦୀର୍ଘ ୧୦ ବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ବହୁବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଦୌଡି ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟି ଦୁଃଖ ଜଣାଇଛନ୍ତି । ଆବାସ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହିତାଧିକାରୀ ଜଣଙ୍କ ଏ ସମ୍ପର୍କରେ ନୟାଗଡ଼ ଜିଲାପାଳଙ୍କୁ ଜଣାଇଛନ୍ତି। ପ୍ରଶାନ ପକ୍ଷରୁ ନ୍ୟାୟ ନମିଳିଲେ ସେ ବାଧ ହୋଇ ଆଇନର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି ।



ନିଜ ଘର ସମ୍ମୁଖରେ ପଣସପଦର ଗ୍ରାମର ବିପ୍ର ନାଏକ ।

